# ସତ୍ୟ ନ୍ୟୁଜ୍

ଓଡ଼ିଆ ଦୈନିକ

RNI No.-ODIODI/2024/17847

www.satyanews24.in
RNI No.ODIODI/2024/17847
୦୧ ବର୍ଷ Volume-01
ISSUE - 31
ଭୁବନେଶ୍ୱର, ଶନିବାର ୧୫, ଫେବୃଆରୀ ୨୦୨୫
Bhubaneswar, Saturday, 15, February 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୭.୦୦ ଟଙ୍କା Price : Rs.7.00
E-Mail : satyanews24.bbsr@gmail.com

Like, Follow & Subscribe
Satya News24


# ଦ୍ୱିତୀୟ ଦିନ ଆରମ୍ଭରୁ କମ୍ପିଲା ଗୃହ

## ➲ ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ଉଦ୍ୟମ
## ➲ ଚାଷୀ ପ୍ରସଙ୍ଗରେ ବିଜେଡର ହଙ୍ଗାମା

**ଭୁବନେଶ୍ୱର :** ବିଧାନସଭାର ବଜେଟ ଅଧିବେଶନ ଆରମ୍ଭରୁ ସରକାରଙ୍କୁ ଘେରିଛନ୍ତି ବିରୋଧି । ଚାଷୀ,କଟନୀ ଛଟନୀ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରସଙ୍ଗରେ ଶାସକ ଦଳକୁ ତୀର ମାରିଛନ୍ତି ବିରୋଧୀ । ଅନ୍ୟପଟେ ଲୋକଙ୍କ ପ୍ରସଙ୍ଗରେ ଆଲୋଚନା ନକରି ବିରୋଧୀ ପଳାୟନପନ୍ଥୀ ସାଜିଛନ୍ତି ବୋଲି କହିଛି ଶାସକ ଦଳ ।

ଗତକାଲି ବଜେଟ ଅଧିବେଶନ ପାଇଁ ରାଜ୍ୟପାଳ ଅଭିଭାଷଣ ରଖିବା ପରେ ସରକାରଙ୍କୁ ଘେରିବାକୁ ସୁଯୋଗ ପାଇନଥିଲେ ବିରୋଧୀ । କିନ୍ତୁ ବଜେଟ ଅଧିବେଶନର ଦ୍ୱିତୀୟ ଦିନରେ ଗୃହରେ ସରକାରଙ୍କୁ ନାକେଦମ କରିଛନ୍ତି । ଗୃହରେ ପ୍ରଶ୍ନକାଳ ଆରମ୍ଭରୁ ପୁରୁଣା ଅନ୍ଦାଜରେ ମଧଭାଗକୁ ଆସି ହୋ ହଲ୍ଲା କରିଥିଲେ କଂଗ୍ରେସ ସଦସ୍ୟ । ତାରାଙ୍କର ସେହି ଚିରାଚରିତ ଷ୍ଟାଇଲ । ପୋଡିୟମକୁ ବାଡେଇବା ସହ ଚଢିବାକୁ ଉଦ୍ୟମ । କଂଗ୍ରେସର ବିରୋଧ ଭିତରେ ପଛରେ ପଡିଯିବ ଭାବି ବିଜେଡି ସଦସ୍ୟ ମଧ ଗୃହରେ ନାରାବାଜି ଆରମ୍ଭ କରିଥିଲେ । ଆଇନଶୃଙ୍ଖଳା ଓ ଚାଷୀ ପ୍ରସଙ୍ଗକୁ ଅସ୍ତ୍ର କରି ସରକାରଙ୍କୁ ଘେରିଥିଲେ ଉଭୟ କଂଗ୍ରେସ ଓ ବିଜେଡି । ବାଚସ୍ପତି ବାରମ୍ବାର ବୁଝାଇବାକୁ ଉଦ୍ୟମ କରି ବିଫଳ ହେବା ପରେ ଗୃହକୁ ମୁଲତବୀ କରିଥିଲେ । ଏହାସହ ଚାଲିପାରିନଥିଲା ପ୍ରଥମାର୍ଦ୍ଧ ଓ ଧୋଇଯାଇଥିଲା ପ୍ରଶ୍ନକାଳ, ଶୂନ୍ୟକାଳ ଓ ମୁଲତବୀ ପ୍ରସ୍ତାବ । ବିରୋଧୀଙ୍କ ହୋ ହଲ୍ଲା, ନାରାବାଜି ଓ ହଟ୍ଟଗୋଳ ଭିତରେ ବାରମ୍ବାର ମୁଲତବି ହୋଇଥିଲା ଗୃହ । ଏଥିପାଇଁ ବିରୋଧୀ ଦଳକୁ ଦାୟୀ କରିଛି ଶାସକ ଦଳ । ଅପ୍ରସଙ୍ଗକୁ ପ୍ରସଙ୍ଗ କରି ବିରୋଧୀ କାହିଁକି ପଳାତକ ସାଜୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ବିଜେପି ବିଧାୟକ ଇରାଶିଷ ଆଚାର୍ଯ୍ୟ । ପ୍ରଥମାର୍ଦ୍ଧରେ ୨ ଥର ଗୃହ ମୁଲତବୀ ପରେ ଦ୍ୱିତୀୟାର୍ଦ୍ଧରେ ସ୍ୱାଭାବିକ ହୋଇଛି ବିଧାନସଭା । ରାଜ୍ୟରେ ଏବେ ୫୨୮୪ଜଣ ଭିକାରି ଅଛନ୍ତି ଓ ସେଥିମଧ୍ୟରୁ କଟକରେ ସର୍ବାଧିକ ୧୦୬୦ ଭିକାରି ଅଛନ୍ତି । ଏନେଇ ଆଜି ବିଧାନସଭାରେ ସୂଚନା ଦେଇଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ।ରାଜ୍ୟରେ ଏବେ ୫୨୮୪ଜଣ ଭିକାରି ଅଛନ୍ତି ଓ ସେଥିମଧ୍ୟରୁ କଟକରେ ସର୍ବାଧିକ ୧୦୬୦ ଭିକାରି ଅଛନ୍ତି । ଏନେଇ ଆଜି ବିଧାନସଭାରେ ସୂଚନା ଦେଇଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ମନ୍ତ୍ରୀଙ୍କ ତଥ୍ୟ ଅନୁସାରେ, ରାଜ୍ୟରେ ଏବେ ପାଖାପାଖି ୫ହଜାରୁ ଅଧିକ ଭିକାରି ଅଛନ୍ତି । କଟକରେ ସର୍ବାଧିକ ୧୦୬୦ ଭିକାରି ଥିବା ବେଳେ ବରଗଡ଼ରେ ୫୯୫, ଗଞ୍ଜାମରେ ୫୪୫, ବଲାଙ୍ଗୀରରେ ୪୮୨, ସୁନ୍ଦରଗଡ଼ରେ ୪୧୭ ଓ ପୁରୀରେ ୩୫୦ ଭିକାରି ଅଛନ୍ତି ।



# କମ୍ୟୁନିଟି ସପୋର୍ଟଷ୍ଟାଫଙ୍କୁ ମିଳିବ ବକେୟା ପାଉଣା

## ୬୨ହଜାର ମିଶନ ଶକ୍ତି ମହିଳା ହେବେ ଉପକୃତ
## ଲକ୍ଷପତି ଦିଦି ସହାୟତା ଯୋଜନା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ଓଡିଶା ଜୀବିକା ମିଶନ ୨୦୧୨ ମସିହା ଅପ୍ରେଲ ୧ ତାରିଖରୁ କାର୍ଯ୍ୟକାରୀ ହେଉଅଛି । ଏହି ଯୋଜନାର ଆଭିମୁଖ୍ୟ ଅନୁଯାୟୀ ଗ୍ରାମୀଣ ପରିବାରମାନଙ୍କର ଜୀବନ ଜୀବିକାରେ ଉନ୍ନତି ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ପରିବାରର ମହିଳାମାନଙ୍କୁ ସାମିଲ କରାଯାଉଛି । ପୁନର୍ବାର ଏହି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବିଭିନ୍ନ ସାମାଜିକ ତଥା ଅର୍ଥନୈତିକ ସହାୟତା ପ୍ରଦାନ କରିବା ପାଇଁ ସେମାନଙ୍କୁ ଗ୍ରାମ ଓ ପଞ୍ଚାୟତସ୍ତରରେ ସଂଗଠିତ କରାଯାଉଅଛି । ଏହି ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି), ଆଞ୍ଚଳିକ ମଞ୍ଚ (ସିଏଲଏଫ) ଏବଂ ଗ୍ରାମ ପଞ୍ଚାୟତ ସଂଘ (ଜିପିଏଲଏଫ)ଗୁଡିକୁ ସୁଦୃଢ ଓ ସଶକ୍ତ କରିବା ପାଇଁ କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କୁ ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘ ଦ୍ୱାରା ନିଯୁକ୍ତି ଦିଆଯାଇଥିଲା । କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କ ମଧ୍ୟରେ କମ୍ୟୁନିଟି ରିସୋର୍ସ ପର୍ସନ ଫର କମ୍ୟୁନିଟି ମୋବିଲାଇଜେସନ (ସିଆରପି-ସିଏମ,



ମାଷ୍ଟର ବୁକ କିପର(ଏମବିକେ), ବ୍ୟାଙ୍କ ମିତ୍ର ଓ ପ୍ରାଣୀ ମିତ୍ର ଅନ୍ତର୍ଭୁକ୍ତ ଅଟନ୍ତି । ରାଜ୍ୟରେ ମୋଟ ୬୨,୩୪୧ ଜଣ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ନିଯୁକ୍ତ କରାଯାଇଥିଲା । ଓଡିଶା ଜୀବିକା ମିଶନର ପତ୍ର ସଂଖ୍ୟା ୫୭୪, ତାରିଖ ୨୫.୦୨.୨୦୧୯ରେ କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କର ପାରିଶ୍ରମିକ ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ଜାରି କରଯାଇଥିଲା । ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କର ପାରିଶ୍ରମିକ ବାବଦକୁ ଗ୍ରାମ ପଞ୍ଚାୟତସ୍ତରୀୟ ସଂଘମାନଙ୍କୁ ୨୦୧୯ ଏପ୍ରିଲ ୧ ତାରିଖଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ହାରରେ ପାଣ୍ଠି ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଥିଲା । ନିଯୁକ୍ତିର ପ୍ରଥମ ତିନି ବର୍ଷ ୧୦୦ ପ୍ରତିଶତ, ଚତୁର୍ଥ ବର୍ଷରେ ୭୫ ପ୍ରତିଶତ ଓ ପଞ୍ଚମ ବର୍ଷରେ ୫୦ ପ୍ରତିଶତ ହିସାବରେ ପାଣ୍ଠି ପ୍ରଦାନ କରିବାର ବ୍ୟବସ୍ଥା ରହିଥିଲା । କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କର ପାରିଶ୍ରମିକ ବାବଦକୁ ଚତୁର୍ଥ ବର୍ଷରେ ୨୫ ପ୍ରତିଶତ, ପଞ୍ଚମ ବର୍ଷରେ ୫୦ ପ୍ରତିଶତ ଏବଂ ପଞ୍ଚମ ବର୍ଷ ପରେ ସମୁଦାୟ ୧୦୦ ପ୍ରତିଶତ ପାଣ୍ଠି ପଞ୍ଚାୟତସ୍ତରୀୟ ସଂଘମାନେ ନିର୍ଦ୍ଦେଶାବଳୀ ଅନୁଯାୟୀ ବହନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ଏହା ପରିଲକ୍ଷିତ ହେଉଅଛି ଯେ, ବିଗତ ସରକାରଙ୍କ ଇଛା ଶକ୍ତିର ଅଭାବ ଯୋଗୁ ଜିପିଏଲଏଫମାନେ ସ୍ୱୟଂ ସମ୍ପୂର୍ଣ୍ଣ ହୋଇ ପାରି ନାହାନ୍ତି । ତେଣୁ, କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ଦଶ ମାସ ଧରି ପାରିଶ୍ରମିକ ପାଇ ପାରିନାହାନ୍ତି । ଆମ ସରକାର ମା'ମାନଙ୍କର ସମସ୍ୟା ପ୍ରତି ସମ୍ବେଦନଶୀଳ ଅଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କର ଆର୍ଥିକ ଅଭିବୃଦ୍ଧି କରାଇବା ଲକ୍ଷ୍ୟ ନେଇ "ଲକ୍ଷପତି ଦିଦି ଯୋଜନା" କାର୍ଯ୍ୟକାରୀ ହେଉଅଛି ।

## ନବ ଦାସଙ୍କ ରୋଷେୟା ମୃତ୍ୟୁ ମାମଲା: ପୁନଃ ତଦନ୍ତ ଆରମ୍ଭ

**ଝାରସୁଗୁଡ଼ା :** ବହୁଚର୍ଚ୍ଚିତ ସ୍ୱର୍ଗତ ନବ ଦାସଙ୍କ ରୋଷେୟା ଲଳିତ ସାହୁଙ୍କ ମୃତ୍ୟୁ ମାମଲା କଡ଼ ଲେଉଟାଇଛି । ଲଳିତଙ୍କ ବାପା ବେଲାଲସେନ ସାହୁ ନ୍ୟାୟ ଦାବି କରି ପୁଲିସ୍‌କୁ ଚିଠି ଲେଖିବା ପରେ ଝାରସୁଗୁଡ଼ା ପୁଲିସ୍ ପୁନଃ ତଦନ୍ତ ଆରମ୍ଭ କରିଥିବା ନେଇ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍ ସୂଚନା ଦେଇଛନ୍ତି । ଏହି ମାମଲାର ତଦନ୍ତରେ ଅନେକ ତ୍ରୁଟି ରହିଥିବା ନେଇ ଖୋଦ୍ ପୁଲିସ୍ ବି ସ୍ୱୀକାର କରିଛି । ସେପଟେ, ପୂର୍ବରୁ ମାମଲାର ତଦନ୍ତକାରୀ ଅଧିକାରୀ ଜଣେ ସବ୍ ଇନ୍ସପେକ୍ଟର ଥିବା ବେଳେ ଏବେ ଜଣେ ଇନ୍ସପେକ୍ଟରଙ୍କୁ ଓ ପୂର୍ବରୁ ଅଧୀକ୍ଷଣ ଦାୟିତ୍ୱ ଜଣେ ଡିଏସ୍‌ପିଙ୍କୁ ଦିଆଯାଇଥିବା ବେଳେ ଏବେ ହେଡ୍‌କ୍ୱାର୍ଟର ଅତିରିକ୍ତ ଏସ୍‌ପିଙ୍କୁ ଏହି ଦାୟିତ୍ୱ ଦିଆଯାଇଛି ବୋଲି ଏସ୍ପି ସ୍ମିତ୍ ପି ପରମାର କହିଛନ୍ତି ।



## ଡୋନାଲ୍ଡ ଟ୍ରମ୍ପ ସହ ମୋଦୀଙ୍କ ସାକ୍ଷାତ

# ଏଫ୍-୩୫ ଜେଟ୍, ଯୁଦ୍ଧଟ୍ୟାଙ୍କ ସମେତ ଇଞ୍ଜିନ ଡିଲ୍

- ଭାରତ-ଆମେରିକା ମଧ୍ୟରେ ୫ଶହ ବିଲିୟନ ଡଲାର କାରବାର ଲକ୍ଷ୍ୟ
- ମୋଦୀଙ୍କ ଆମେରିକା ଗସ୍ତରେ ପ୍ରତିରକ୍ଷା ଚୁକ୍ତି

**ନୂଆଦିଲ୍ଲୀ :** ଦୁଇ ଦିନିଆ ଆମେରିକା ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ହ୍ୱାଇଟ୍ ହାଉସରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ତାଙ୍କର ସାକ୍ଷାତ ହୋଇଛି । ଦୁଇ ରାଷ୍ଟ୍ର ନେତାଙ୍କ ମଧ୍ୟରେ ପ୍ରାୟ ୪ ଘଣ୍ଟା ଧରି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଂଗରେ ଦ୍ୱିପାକ୍ଷିକ ଆଲୋଚନା ହୋଇଛି । ଭାରତ-ଆମେରିକା ମଧ୍ୟରେ ସମ୍ପର୍କ ଆହୁରି ସୁଦୃଢ଼ ପାଇଁ ଆହ୍ୱାନ ଦେଇଛନ୍ତି ଡୋନାଲ୍ଡ ଟ୍ରମ୍ପ ଏବଂ ନରେନ୍ଦ୍ର ମୋଦି । ଭାରତୀୟ ପ୍ରଧାନମନ୍ତ୍ରୀ କହିଛନ୍ତି, ଟ୍ରମ୍ପଙ୍କ ଲକ୍ଷ୍ୟ 'ମେକ୍ ଆମେରିକା ଗ୍ରେଟ୍ ଅଗେନ୍' ବା 'ମାଗା'ରୁ ପରିଚିତ । ଭାରତୀୟ ଲୋକ ମଧ ବିକାଶର ରେଳ ଧାରଣରେ ବିକଶିତ ଭାରତ ୨୦୪୭ ପାଇଁ ସମ୍ପୃକ୍ତବଦ୍ଧ । ତେଣୁ ଭାରତ ଲଗାତାର ଭାବେ ବିକାଶ ପଥରେ ଆଗ୍ରସର ହେଉଛି । ଆମେରିକା ଭାଷାରେ କହିବାକୁ ଗଲେ ବିକଶିତ ଭାରତର ଅର୍ଥ ହେଉଛି 'ମେକ୍ ଇଣ୍ଡିଆ ଗ୍ରେଟ୍ ଏଗେନ୍' ବା 'ମିଗା' । ଯେତେବେଳେ ଆମେରିକା ଏବଂ ଭାରତ ଉଭୟ ରାଷ୍ଟ୍ର ମିଳିତ ଭାବେ କାର୍ଯ୍ୟ କରୁଛନ୍ତି, ସେତେବେଳେ 'ମାଗା ଏବଂ ମିଗା' ସଫଳତାର ସହିତ ଆଗକୁ ବଢ଼ିଥାଏ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଆମେରିକା ରାଷ୍ଟ୍ରପତି ଏବଂ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ବ୍ୟବସାୟକୁ ନେଇ ଦ୍ୱିପାକ୍ଷିକ ଆଲୋଚନା ହୋଇଛି । ୨୦୩୦ ସୁଦ୍ଧା ଦୁଇ ଦେଶ ମଧ୍ୟରେ କାରବାର ଦ୍ୱିଗୁଣିତ ବୃଦ୍ଧି ପାଇ ୫ଶହ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିବା ନେଇ ଲକ୍ଷ୍ୟ ରଖାଯାଇଛି । ପାରମ୍ପରିକ ଭାବେ ଏହି ଲାଭକାରୀ ବ୍ୟବସାୟ ବୁଝାମଣାକୁ ଅନ୍ତିମ ରୂପ ଦେବା ପାଇଁ ଦୁଇ ଦେଶର ଟିମ୍ କର୍ଯ୍ୟକରୁଛନ୍ତି । ଖୁବ୍ ଶୀଘ୍ର ଲସ୍ ଏଞ୍ଜେଲ୍ସ ଏବଂ ବୋଷ୍ଟନରେ ଭାରତୀୟ ଦୂତାବାସ ସ୍ଥାପିତ କରାଯିବ ବୋଲି ମୋଦି କହିଛନ୍ତି । ଏହି ମିଳିତ ସାମ୍ବାଦିକ ସମ୍ମିଳନୀର ଆରମ୍ଭରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ନେଇ ଭୂରି ଭୂରି ପ୍ରଶଂସା କରିଛନ୍ତି । ଶେଷ ଥର ପାଇଁ ଭାରତ ଗସ୍ତର ଆତିଥେୟକୁ ମନେ ପକାଇଥିଲେ । ସେ ଦୁଇ ଦେଶର ଆର୍ଥିକ୍ ସ୍ଥିତିକୁ ମଜବୁତ କରିବା ପାଇଁ ଫ୍ରେମୱାର୍କ ଘୋଷଣା କରିଛନ୍ତି । ସେପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଭାରତର ପ୍ରତିରକ୍ଷା ପ୍ରସ୍ତୁତିରେ ଆମେରିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଶ୍ୱାସ, ଭରସା ଏବଂ ରଣନୀତି ଆଧାରରେ ଜଏଣ୍ଟ ଡେଭଲପମେଣ୍ଟ, ଜଏଣ୍ଟ ପ୍ରଡକ୍ସନ ଏବଂ ଟ୍ରାନ୍ସଫର ଅଫ୍ ଟେକ୍ନୋଲଜି ସକ୍ରିୟ ଭାବେ ଆଗକୁ ବଢ଼ିବାରେ ଲାଗିଛି । ବର୍ତ୍ତମାନ ସମୟ ଭାରତ ଈଜଟଝଈ ବା ଈକ୍ୱବଭଦ୍ୱଲକ୍ସକ୍ୱଙ୍କସଭଶ ଜରକ୍ଷବଦ୍ୱସକ୍ସଭ-ଦ୍ୱକ୍ଷସକ୍ସ ଟଦ୍ୱସକ୍ଷସଛସଭଶ ଝଦ୍ୱକ୍ୱବଦ୍ୱର-ଶସମ ଈରମକ୍ଷଭକ୍ସକ୍ଷକ୍ସଶଛ ଉପରେ ସହମତି ପ୍ରକାଶ କରିଛି । ଏହା ଅନ୍ତର୍ଗତ କ୍ରିଟିକାଲ୍ ମିନେରାଲ୍, ଆଗ୍ରୀମ ସମଗ୍ରୀ, ଫାର୍ମାସ୍ୟୁଟିକାଲ ସାମଗ୍ରୀର ଆମଦାନୀ ଏବଂ ରପ୍ତାନୀ ଉପରେ ଜୋର୍ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତରେ ଭାରତ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି କରିଛି । ଯାହା ଭାରତର ପ୍ରତିରକ୍ଷା ବିଭାଗକୁ ମଜଭୁତ କରିବ । ଅନ୍ୟପକ୍ଷରେ ଭାରତ ଉପରେ ଶୁଳ୍କ ଭାର ମଧ ଲଦିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ହ୍ୱାଇଟ୍ ହାଉସ୍‌ରେ ମୋଦୀ ଓ ଟ୍ରମ୍ପଙ୍କ ମଧ୍ୟରେ ହୋଇଥିବା ବୈଠକରେ ପ୍ରତିରକ୍ଷା ସମ୍ପର୍କିତ ବ୍ୟବସାୟିକ ସହଯୋଗକୁ ବଢ଼ାଇବା ପାଇଁ ଏକାଧିକ ଚୁକ୍ତି ହୋଇଛି । ଏଥିରେ ଆମେରିକା ଭାରତକୁ ଏଫ୍-୩୫ ଫାଇଟର ଜେଟ୍ ବିକ୍ରି କରିବାକୁ ଡିଲ୍ ହୋଇଛି । ଏନେଇ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି "ରଣନୈତିକ ଏବଂ ବିଶ୍ୱସ୍ତ ଅଂଶୀଦାର ଭାବରେ ଆମେରିକା ଭାରତର ପ୍ରତିରକ୍ଷା ପ୍ରସ୍ତୁତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ।



# ଖୁବଶୀଘ୍ର ନିଗମ-ବୋର୍ଡ ଓ କମିଶନ ନିଯୁକ୍ତି ପ୍ରକ୍ରିୟା

**ଭୁବନେଶ୍ୱର :** ଖୁବଶୀଘ୍ର ରାଜ୍ୟର ଖାଲି ପଡ଼ିଥିବା ସମସ୍ତ ନିଗମ, ବୋର୍ଡ ଓ କମିଶନ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ । ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ । ଆଜି ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବସିଥିବା ବିଜେପି କୋର କମିଟି ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ନିଗମ, ବୋର୍ଡ, କମିଶନ ଓ ଜିଲ୍ଲା ପ୍ଲାନିଙ୍ଗ ବୋର୍ଡକୁ ନେଇ ବୈଠକରେ ଆଲୋଚନା ହୋଇଛି । ନିଗମ, ବୋର୍ଡ ଓ କମିଶନ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ । ଚଳିତ ମାସ ଶେଷ ସୁଦ୍ଧା ଚୟନ ଓ ନିଯୁକ୍ତି ପ୍ରକ୍ରିୟା ଶେଷ ହେବ । ଏହାଛଡା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଆଲୋଚନା ହୋଇଛି । ସାଂଗଠନିକ ନିର୍ବାଚନ, ରାଜ୍ୟ ସଭାପତି ଚୟନ ଓ ୮ ମାସରେ ସରକାରଙ୍କ ଗତିବିଧି ଓ କାର୍ଯ୍ୟକୁ ନେଇ ଆଲୋଚନା ହୋଇଛି । ସରକାର ଓ ସଂଗଠନ ଭିତରେ କେମିତି ସମନ୍ୱୟ ଭଲଭାବେ ରହିବ ସେନେଇ ମଧ ଆଜି କୋର କମିଟି ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଛି । ସେପଟେ କିଏ ହେବେ ରାଜ୍ୟ ବିଜେପି ସଭାପତି ? କାହାକୁ ଏହି ଦାୟିତ୍ୱ ଦେବ ଦଳ ? ଏହି ଚର୍ଚ୍ଚା ଆଲୋଚନା ଭିତରେ ସାଂସଦ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି, ଦିନେ ଦୁଇ ଦିନ ଭିତରେ ରାଜ୍ୟ ସଭାପତିଙ୍କ ନାଁ ଘୋଷଣା ହୋଇପାରେ । ଦିଲ୍ଲୀ ନିର୍ବାଚନ ପାଇଁ ନାଁ ଘୋଷଣା ବିଳମ୍ବ ହୋଇଥିଲା । ତେବେ ବର୍ତ୍ତମାନ ବିଜେପି ରାଜ୍ୟ ସଭାପତି ଥିବା ମନମୋହନ ସାମଲଙ୍କୁ ଦଳ ପୁଣି ରିପିଟ୍ କରିବ ନା ହାଇକମାଣ୍ଡ ନୂଆ ଚେହେରାକୁ ଦାୟିତ୍ୱ ଦେବେ ତା ଉପରେ ସମସ୍ତଙ୍କ ନଜର ରହିଛି । ସେପଟେ ନୂଆ ରାଜ୍ୟ ସଭାପତି ନେଇ ବିଜେପି କୋର କମିଟି ବୈଠକରେ କୌଣସି ଆଲୋଚନା ହୋଇନଥିବା ସାଂସଦ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି ।




# ଅଜୟ କୁମାର ଲଲ୍ଲୁ ଓଡ଼ିଶା କଂଗ୍ରେସ ପ୍ରଭାରୀ

## ସପ୍ତଗିରିଙ୍କୁ ୪ ରାଜ୍ୟର ଦାୟିତ୍ୱ

**ଭୁବନେଶ୍ୱର :** ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ଶୁକ୍ରବାର ଓଡ଼ିଶା କଂଗ୍ରେସ ପ୍ରଭାରୀ ନିଯୁକ୍ତ କରିଛି । ଅଜୟ କୁମାର ଲଲ୍ଲୁଙ୍କୁ ଓଡ଼ିଶା କଂଗ୍ରେସ ପ୍ରଭାରୀ ଦାୟିତ୍ୱ ଦେଇଛି । ସେହିପରି କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକାଙ୍କୁ ମଣିପୁର, ତ୍ରିପୁରା, ସିକ୍କିମ ଓ ନାଗାଲାଣ୍ଡର ଦାୟିତ୍ୱ ଦେଇଛି । ଓଡ଼ିଶା କଂଗ୍ରେସର ବରିଷ୍ଠ ନେତା ଶ୍ରୀ ଉଲାକାଙ୍କୁ ପୂର୍ବ ଭାରତର ଏହି ୪ ରାଜ୍ୟରେ ପ୍ରଭାରୀ ଭାବେ ନିଯୁକ୍ତ କରିଛି । ଏଆଇସିସିର ସାଧାରଣ ସଂପାଦକ କେ.ସି ବେଣୁଗୋପାଳ ଏନେଇ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି । ସାଧାରଣ ନିର୍ବାଚନରେ ଦେଶରେ କଂଗ୍ରେସର ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିଛି । କଂଗ୍ରେସ ଏବେ ନିଜର ସଂଗଠନ ସଜାଉଛି । ଏହି କ୍ରମରେ ଏଆଇସିସି ଆଜି ପଂଜାବ ଓ ଜମ୍ମୁ କଶ୍ମୀରରେ ନୂଆ ସଂପାଦକ ନିଯୁକ୍ତ କରିଛି । ସେହିପରି ହିମାଚଳ ପ୍ରଦେଶ, ଚଣ୍ଡିଗଡ଼, ହରିୟାଣା, ମଧ୍ୟପ୍ରଦେଶ, ପଣ୍ଡିଚେରୀ, ତାମିଲନାଡୁ, ଓଡ଼ିଶା, ଝାଡ଼ଖଣ୍ଡ, ତେଲେଙ୍ଗାନା, ମଣିପୁର, ତ୍ରିପୁରା, ସିକ୍କିମ, ନାଗାଲାଣ୍ଡ ଓ ବିହାରରେ ପ୍ରଭାରୀ ନିଯୁକ୍ତ କରିଛି । ଏଆଇସିସି ଓଡ଼ିଶା ଉପରେ ମଧ ନଜର ରଖିଛି । ଦୁଇ ଦିନ ପୂର୍ବରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି)ରେ ନୂଆ ସଭାପତି ଭାବେ ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କୁ ନିଯୁକ୍ତି ଦେଇଥିଲା । ପିସିସିର ନୂଆ ସଭାପତି ହେଲା ପରେ ଶ୍ରୀ ଦାସ ରାଜ୍ୟରେ କଂଗ୍ରେସକୁ ଆଗକୁ ନେବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି । ଏଥି ପାଇଁ ସେ ତୃଣମୂଳ ସ୍ତରକୁ ଯାଇ ଲୋକଙ୍କୁ ଭେଟିବେ ବୋଲି କହିଛନ୍ତି । କେବଳ ଏତିକି ନୁହେଁ, ଶ୍ରୀ ଦାସଙ୍କ ପକ୍ଷରୁ ଆଜି ଜାରି ହୋଇଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, ଯେଉଁମାନଙ୍କୁ କୌଣସି ନା କୌଣସି ପରିସ୍ଥିତିରେ ଦଳରୁ ନିଲମ୍ବନ ଓ ବହିଷ୍କାର କରାଯାଇଥିଲା, ତାକୁ ପ୍ରତ୍ୟାହାର କରି ଦିଆଯାଇଛି । ବିଭିନ୍ନ ସମୟରେ କୌଣସି ନା କୌଣସି କାରଣରୁ ଯେଉଁମାନେ କଂଗ୍ରେସ ଛାଡ଼ି ଚାଲି ଯାଇଛନ୍ତି ସେମାନେ ପୁଣିଥରେ କଂଗ୍ରେସକୁ ଫେରି ଆସିବାକୁ ଆମେ ନିବେଦନ କରୁଛୁ ।

# ସମସ୍ତ ନିଲମ୍ବନ ଓ ବହିଷ୍କାର ଆଦେଶ ରଦ୍ଦ କଲେ ରାଜ୍ୟ କଂଗ୍ରେସ ସଭାପତି

**ଭୁବନେଶ୍ୱର :** ଓଡ଼ିଶାରେ କଂଗ୍ରେସର ସ୍ଥିତିରେ କୌଣସି ପରିବର୍ତ୍ତନ ହେଉନଥିବା ବେଳେ ଶୁକ୍ରବାର ନୂଆ ମୁଖିଆ ବଡ ପଦକ୍ଷେପ ନେଇଛନ୍ତି । ପିସିସି ସଭାପତି ଭକ୍ତ ଚରଣ ଦାସ ଆଜି କଂଗ୍ରେସର ସମସ୍ତ ନିଲମ୍ବିତ ଓ ବହିଷ୍କୃତ ସଦସ୍ୟଙ୍କ ଉପରୁ କଟକଣା ହଟାଇ ଦେଇଛନ୍ତି । ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଶ୍ରୀ ଦାସ କହିଛନ୍ତି ଯେ, ଯେଉଁମାନଙ୍କୁ କୌଣସି ନା କୌଣସି ପରିସ୍ଥିତିରେ ଦଳରୁ ନିଲମ୍ବନ କିମ୍ବା ବହିଷ୍କୃତ କରାଯାଇଥିଲା, ତାହାକୁ ପ୍ରତ୍ୟାହାର କରି ଦିଆଗଲା । ବିଭିନ୍ନ ସମୟରେ କୌଣସି ନା କୌଣସି କାରଣରୁ ଯେଉଁମାନେ କଂଗ୍ରେସ ଦଳ ଛାଡି ଚାଲି ଯାଇଛନ୍ତି, ସେମାନେ ପୁନର୍ବାର କଂଗ୍ରେସ ଦଳକୁ ଫେରି ଆସିବାକୁ ଆମେ ନିବେଦନ କରୁଛୁ । ନୂଆ ସଭାପତି ଭାବେ ଦାୟିତ୍ୱ ଗ୍ରହଣ ପରେ ଶ୍ରୀ ଦାସ କହିଥିଲେ ଯେ ସେ ଦଳର ପୁନର୍ଗଠନ କରିବେ । ତେଣୁ ସେ ସମସ୍ତଙ୍କୁ ଫେରାଇ ଆଣିବାକୁ ପ୍ରଥମ ଚେଷ୍ଟା ଆରମ୍ଭ କରିଛନ୍ତି । ଜଣେ ପ୍ରକୃତ ମୁଖିଆ ଭାବେ ସେ ଦଳକୁ ମଜବୁତ କରିବା ପାଇଁ ସମସ୍ତଙ୍କୁ ଆପଣାଇବାକୁ ଉଦ୍ୟମ କରିବା ନିଷ୍ପତ୍ତିକୁ ଅନେକ ସ୍ୱାଗତ କରିଛନ୍ତି । ଦେଶର ସବୁଠାରୁ ପୁରୁଣା ରାଜନୈତିକ ଦଳ ଭାବେ ପରିଚିତ କଂଗ୍ରେସ ଗତ କିଛି ବର୍ଷ ହେବ ନିର୍ବାଚନରେ ଖରାପ ପ୍ରଦର୍ଶନ କରିବା ସହ କ୍ଷମତାରୁ ଦୂରେଇ ରହିଛି । ତେବେ ୨୦୨୪ ନିର୍ବାଚନରେ ଜାତୀୟ ସ୍ତରରେ ଦଳ ଭଲ ପ୍ରଦର୍ଶନ କରିଥିବାରୁ ପୁଣି କଂଗ୍ରେସକୁ ମଜବୁତ କରିବା ଓ ସମସ୍ତ ପୁରୁଖା ସଦସ୍ୟଙ୍କୁ ଫେରାଇ ଆଣିବା ଉଦ୍ୟମକୁ ରାଜନୈତିକ ବିଶ୍ଳେଷକ ମାନେ ପ୍ରଶଂସା କରିଛନ୍ତି । ପ୍ରକାଶିତ ଦଳୀୟ ବିଜ୍ଞପ୍ତିରେ, ଶ୍ରୀ ଦାସ ନୂଆ ସଭ୍ୟ ସଂଗ୍ରହ ନିମନ୍ତେ ଲେଖିଛନ୍ତି, ଯେଉଁମାନେ କଂଗ୍ରେସ ଦଳର ନୀତି ଓ ଆଦର୍ଶ ପ୍ରତି ଆସ୍ଥା ପ୍ରକଟ କରି ଯୋଗଦାନ କରିବାକୁ ଇଚ୍ଛୁକ, ସେମାନଙ୍କୁ କଂଗ୍ରେସ ଦଳ ତରଫରୁ ସମ୍ମାନର ସହ ସ୍ୱାଗତ କରାଯିବ ।



## ୧୮ରେ ସଂକଳ୍ପ ପଦଯାତ୍ରା

ଆସନ୍ତା ୧୮ରେ ଭୁବନେଶ୍ୱରରୁ କଂଗ୍ରେସର ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହେବ । ବିମାନବନ୍ଦରରୁ ପୁରୀ ଯାତ୍ରା ନେଇ ଦଳ ପକ୍ଷରୁ ସୂଚନା ଦିଆଯାଇଛି । ସଂକଳ୍ପ ପଦଯାତ୍ରା ସମନ୍ୱୟ ନେଇ ପିସିସି ପକ୍ଷରୁ କମିଟି ଗଠନ କରାଯାଇଛି । ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକଙ୍କ ଅଧକ୍ଷତାରେ କମିଟି କଠନ କରାଯାଇଛି । କମିଟିରେ ମୋକିମ, ରମେଶ ଜେନା, ରାଜନ ଏକ୍କା ପ୍ରମୁଖ ସଦସ୍ୟ ସାମିଲ ହେବେ । ବହୁ ପ୍ରତୀକ୍ଷାର ଅନ୍ତ ଘଟାଇ କଂଗ୍ରେସ ହାଇକମାଣ୍ଡ ଓଡିଶାରେ ଦଳର ମୁଖିଆ ନିଯୁକ୍ତ କରିଥିଲେ । ଦଳର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କୁ ଓଡ଼ିଶା କଂଗ୍ରେସ ସଭାପତି ନିଯୁକ୍ତ କରାଯାଇଛି । ମଙ୍ଗଳବାର ଏଆଇସିସି ପକ୍ଷରୁ ବିଜ୍ଞପ୍ତି ଜାରି କରି ଏହି ସୂଚନା ଦିଆଯାଇଥିଲା । ତେବେ ପିସିସି ସଭାପତି ହେବା ପରେଭକ୍ତ ଚରଣ ଦାସ ଗଣମାଧ୍ୟମ ଆଗରେ ସମସ୍ତ ଓଡ଼ିଶାବାସୀଙ୍କ ପାଇଁ ତାଙ୍କ ପ୍ରତିକ୍ରିୟା ରଖିଥିଲେ । ସେ କହିଥିଲେ, ତରୁଣ, ବରିଷ୍ଠ ସମସ୍ତଙ୍କୁ ନେଇ କାମ କରିବି । କଂଗ୍ରେସକୁ ଆନ୍ଦୋଳନ ଜରିଆରେ ଘରେ ଘରେ ପହଞ୍ଚାଇବୁ । ସୂଚନାଯୋଗ୍ୟ, ଗତ ସାଧାରଣ ନିର୍ବାଚନରେ ରାଜ୍ୟରେ ଦଳର ଶୋଚନୀୟ ପରାଜୟ ପରେ ପୂର୍ବତନ ସଭାପତି ଶରତ ନାୟକ ସଭାପତି ପଦବୀରୁ ଇସ୍ତଫା ଦେଇଥିଲେ । ସେବେଠାରୁ ଏହି ପଦବୀ ଖାଲି ପଡିଥିଲା ।

### ଚଳତଶକ୍ତିହୀନ ଭିନ୍ନକ୍ଷମଙ୍କୁ ଦୃଷ୍ଟିବାଧିତ ସାର୍ଟିଫିକେଟ ମିଳିବା ଘଟଣା

## ଖବର ପ୍ରକାଶନ ପରେ ଶଙ୍କରଙ୍କୁ ମିଳିଲା ଟ୍ରାଇସାଇକେଲ



**ନୂଆଗାଁ ବ୍ଲକ,(ନି.ପ୍ର) :** ନଇତଇଲା ଗ୍ରାମର ଶଙ୍କର ଖଟୁଆ ଜଣେ ଚଳତଶକ୍ତିହୀନ ଭିନ୍ନକ୍ଷମ ହୋଇଥିବା ବେଳେ ତାଙ୍କୁ ଦୃଷ୍ଟିବାଧିତ ସାର୍ଟିଫିକେଟ ପ୍ରଦାନ କରାଯାଇଥିବା କାରଣରୁ ସେ ଟ୍ରାଇସାଇକେଲ ପାଇବାରୁ ବଂଚିତ ଥିବା ନେଇ ଖବର ପ୍ରକାଶନ ହୋଇଥିଲା। ଶଙ୍କରଙ୍କ ପାଇଁ ନିହାତି ଆବଶ୍ୟକ ରହିଥିବା ଟ୍ରାଇସାଇକେଲ ପାଇଁ ମାସେ ତଳେ ସେ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ହେଲେ ପ୍ରଶାସନର ଭୁଲ ପାଇଁ ତାଙ୍କୁ ନିରାଶ ହୋଇ ଫେରିବାକୁ ପଡିଥିଲା। ସାର୍ଟିଫିକେଟ ସଂଶୋଧନ କରିବା ପରେ ଯାଇ ତାଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ହେଲେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯିବା ପାଇଁ ଅନ୍ୟ ଉପରେ ନିର୍ଭର କରୁଥିବା ଶଙ୍କର କେଉଁ ଉପାୟରେ ଏହି ସାର୍ଟିଫିକେଟ ସଂଶୋଧନ କରିବେ ତାହା ତାଙ୍କୁ ଚିନ୍ତାରେ ପକାଇଥିଲା। ନିଜର ପେଟ ପୋଷଣ ପାଇଁ ବିଭିନ୍ନ କାର୍ଯ୍ୟ ନିମନ୍ତେ ସେ ନିଜ ଗ୍ରାମର ଜଣେ ବନ୍ଧୁଙ୍କ ଠାରୁ ଟ୍ରାଇସାଇକେଲ ମାଗି ଆଣି ବ୍ୟବହାର କରୁଥିଲେ। ତେବେ ଆଜି ନୂଆଗାଁ ବିଡିଓ ଡ. ଅମୃତ କୁମାର ରାଉଳ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣ ସାରିକା ଜେନା ଶଙ୍କରଙ୍କୁ ଟ୍ରାଇସାଇକେଲ ପ୍ରଦାନ କରିଥିଲେ। ଏଥିସହିତ ଶଙ୍କର ପୂର୍ବରୁ ପାଇଥିବା ତ୍ରୁଟିପୂର୍ଣ୍ଣ ସାର୍ଟିଫିକେଟକୁ ସେ ଫେରସ୍ତ କରିଥିବା ସେ କହିଛନ୍ତି। ସୂଚନା ଥାଉକି, ପୂର୍ବରୁ ରହିଥିବା ହାତଲେଖା ଭିନ୍ନକ୍ଷମ ସାର୍ଟିଫିକେଟରେ ଶଙ୍କରଙ୍କୁ ୧୨ ବର୍ଷ ବୟସରୁ ଭତା ମିଳୁଛି। ପରେ ସରକାରଙ୍କ ତରଫରୁ ୨୦୨୦ ଜୁନ୍ ମାସରୁ ତାଙ୍କୁ ଡିଜିଟାଲ ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଏଥିସହିତ ବିଭିନ୍ନ ସ୍ଥାନକୁ ଯାତାୟତ ପାଇଁ ତାଙ୍କୁ ପ୍ରଶାସନ ପକ୍ଷରୁ ଟ୍ରାଇସାଇଲେ ମିଳିଥିଲା। ସମୟାନୁକ୍ରମେ ତାହା ଅଚଳ ହୋଇପଡିବା କାରଣରୁ ମାସେ ତଳେ ନୂତନ ଟ୍ରାଇସାଇକେଲ ପାଇଁ ଶଙ୍କର ବ୍ଲକ କାର୍ଯ୍ୟାଳୟକୁ ଜଣେ ସହଯୋଗୀଙ୍କ ସହ ଆସିଥିଲେ। ହେଲେ ତାଙ୍କୁ ଚଳତଶକ୍ତିହୀନ ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରଦାନ କରିବା ପରିବତେର୍ ଦୃଷ୍ଟିବାଧିତ ସାର୍ଟିଫିକେଟ ପ୍ରଦାନ କରାଯାଇଥିବା ହେତୁ ନୂଆଗାଁ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଟ୍ରାଇସାଇକେଲ ପ୍ରଦାନ କରାଯାଇନଥିଲା। ତେବେ ଶଙ୍କରଙ୍କୁ ତୁରନ୍ତ ସଂଶୋଧିତ ସାର୍ଟିଫିକେଟ ପ୍ରଦାନ କରିବା ପାଇଁ ଦାବି ହୋଇଛି।

## ବୃହତ ଉଠା ଜଳସେଚନ ପ୍ରକଳ୍ପକୁ ନେଇ ଗ୍ରାମବାସିଙ୍କ ଅଭିଯୋଗ



**ମାଲକାନଗିରି,(ନି:ପ୍ର) :** ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ମାଲକାନଗିରି ଜିଲ୍ଲାର ବିକାଶ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରୟାସ ଜାରି ରହିଛି। ବୃହତ ଉଠା ପ୍ରକଳ୍ପଟିକୁ ଜେଭିପିଆର ନାମକ ଏକ ଘରୋଇ କମ୍ପାନୀ ଠିକା ସଂସ୍ଥା କୁ ପ୍ରଦାନ କରାଯାଇଛି।ଏହି ବୃହତ ଉଠା ଜଳସେଚନ ପ୍ରକଳ୍ପରେ ଶହ ଶହ କୋଟି କୋଟି ବ୍ୟୟ ଅଟକଳ ରଖା ଯାଇଛି।କିନ୍ତୁ ସମ୍ପୃକ୍ତ ଠିକା ସଂସ୍ଥା ଶହ ଶହ କୋଟିର ଅର୍ଥରେ କାର୍ଯ୍ୟ ହେଉଥିଲେ ମଧ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ କୌଣସି ସୁରକ୍ଷା ସାମଗ୍ରୀ ଦିଆ ନଯିବା ବିଡ଼ମ୍ବନା ର ବିଷୟ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କାର୍ଯ୍ୟରେ ନାବାଳିକା ମାନଙ୍କୁ ସ୍ୱଳ୍ପ ମଜୁରୀରେ କାର୍ଯ୍ୟ କରାଇବା ସହିତ ବିନା ସୁରକ୍ଷା ସାମଗ୍ରୀରେ ନାବାଳିକା ମାନେ କାର୍ଯ୍ୟ କରୁଥିବା ଚିତ୍ର ଦେଖିବାକୁ ମିଳିଛି।ଏପରି ଦୃଶ୍ୟ ଦେଖିବାକୁ ମିଳିଛି ମାଥିଲି ବ୍ଲକ କୁଟୁଣି ପାଲ୍ଲି ପଞ୍ଚାୟତ କୁଡୁକୁ ଗୁଡା ଗ୍ରାମରେ କ୍ଷ ସମ୍ପୃକ୍ତ ଠିକା କମ୍ପାନୀର କାର୍ଯ୍ୟ ଚାଲୁଥିବା ବେଳେ ସେଠାରେ ବିରାଟ ବିରାଟ ଗଛ ଗୁଡିକୁ ଜେସିବି ଲଗାଇ ଉପାଡି ଦିଆଯାଇ କାର୍ଯ୍ୟ ଚାଲିଛି। ସେହି ଗଛ ଗୁଡିକୁ ଉପାଡିବା ପରେ ମାଟି ତଳେ ପୋତି ଦିଆ ଯାଇଥିବାର ଦେଖିବାକୁ ମିଳିଛି।ତାହା ସହିତ ସେହି ଗ୍ରାମର ଜଣେ ବିଧବା ମହିଳା ଜଣକର ନିଜ ଜାଗାରେ କମ୍ପାନୀ ଜୋର ଜବରଦସ୍ତ କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି।ଗଛ ଗୁଡ଼ିକ ଉପାଡିବା ସମୟରେ ଅଭିଯୋଗ କରିବାରୁ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ପୋଲିସ ଲଗାଇ ଜେଲ ପଠାଇ ଦେବୁ ବୋଲି ଧମକ ଦେଇଥିବା ଅଭିଯୋଗ କରିଛନ୍ତି।ଗଛ ଉପାଡିବାର ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ କରିଥିବାରୁ କିଛି ସାମଗ୍ରୀ ଓ କାର୍ଯ୍ୟ ମଧ ବନ୍ଦ କରିଥିଲେ ।ତାହା ସହିତ ବନ କର୍ମଚାରୀ ମାନେ ଗଛ ଗୁଡ଼ିକ ଦେଖିବା ପରେ ଏକ ସିଜର ଲିଷ୍ଟ ମଧ କରିଥିଲେ କ୍ଷ କିନ୍ତୁ ସେହି ସିଜର ଲିଷ୍ଟ ର ସମ୍ପୃକ୍ତ ଠିକା ସଂସ୍ଥା ଉପରେ କଣ କାର୍ଯ୍ୟାନୁଷ୍ଠାନ ନିଆ ଯାଇଛି, ତାହା ସ୍ଥାନୀୟ ଲୋକଙ୍କୁ ଅନ୍ଧାରରେ ରଖିଛନ୍ତି ବନ ବିଭାଗୀୟ ଅଧିକାରୀ । ବନ ବିଭାଗ କାର୍ଯ୍ୟ ବନ୍ଦ କରିବା ପରେ ବି ଏବେ ପୁଣି କାର୍ଯ୍ୟ ଚାଲୁ ରହିଛି ବୋଲି ଦେଖିବାକୁ ମିଳିଛି।ଯାହା ବନ ବିଭାଗର କର୍ମଚାରୀ ଙ୍କ ଉପରେ ସନ୍ଦେହ ଘନୀଭୂତ ହୋଇଛି। ତାହା ସହିତ ନାବାଳିକା ମାନେ ବିନା ସୁରକ୍ଷିତ ଭାବେ କାର୍ଯ୍ୟକୁ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମାନେ ଜାଣିଛନ୍ତି ନା ଅଧିକାରୀ ମାନେ ସମ୍ପୃକ୍ତ ଠିକା ସଂସ୍ଥା ସହିତ ମଧୁ ଚନ୍ଦ୍ରିକାରେ ଚଳେଇଛନ୍ତି, ନା ଜାଣି ଶୁଣି ଚୁପ ରହି ଯାଉଛନ୍ତି କ୍ଷ ଏମିତି ଅନେକ ପ୍ରଶ୍ନ ସାଧାରଣ ଲୋକଙ୍କ ମନରେ ଉଙ୍କି ମାରୁଛି। ଏହାକୁ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ବହୁ ବୁଦ୍ଧିଜୀବୀ ମହଲରେ ଦାବି କରିଛନ୍ତି।

## ମସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଓଡିଶା ସରକାରଙ୍କ ଦ୍ୱାରା ପୁରସ୍କୃତ



**ସଇଁତଲା,(ନି:ପ୍ର) :** ବଲାଙ୍ଗୀର ଜିଲ୍ଲାର ସଇଁତଲା ବ୍ଲକ ଅନ୍ତର୍ଗତ ବୁଢାବାହାଲ ଗ୍ରାମ ପଂଚାୟତ ର କୁଟୁରାମୁଣ୍ଡା ଗାଁ ର ଗୌଉଁତିଆ ଗୌରକିଶୋର ଗହୀର ଙ୍କ ପୁତ୍ର ପ୍ରମୋଦ କୁମାର ଗହୀର ମସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ (ଓଡିଶା ସରକାର )ଙ୍କ ଦ୍ୱାରା ଆଜି ଭୁବନେଶ୍ୱର ଠାରେ ପୁରସ୍କୃତ ହୋଇଛନ୍ତି କ୍ଷ ମାନପତ୍ର ସମତେ ଦଶ ହଜାର ଟଙ୍କା ରାଶି ପାଇଛନ୍ତି କ୍ଷ ବଲାଙ୍ଗିର ମାଟିର ସୁଯୋଗ୍ୟ ସନ୍ତାନ ତଥା ମସ୍ୟ ଚାଷୀ ପ୍ରମୋଦ କୁମାର ଗହୀର । ସେ ମସ୍ୟ ବିକାଶ ବିଭାଗରେ ଆସନ୍ତା ଦୁଇ ବର୍ଷ ପାଇଁ ଗବେଷଣା କରିବେ । ଏଥିପାଇଁ ତାଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ପୁଣି ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯିବ ଯାହା ବଦଳରେ ତାଙ୍କୁ ପଶ୍ଚିମ ଓଡିଶାର ମସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଉପରେ ଗବେଷଣା କରି ଏହି ଅଂଚଳର ମସ୍ୟ ଚାଷ ସମ୍ପର୍କରେ ଅବଗତ କରାଇବେ। ନୂତନ ପିଢି ପାଇଁ ତାଙ୍କ ଗବେଷଣା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ବୁଦ୍ଧିଯିବି ମାନଙ୍କ ମଧ୍ୟରେ ମତପ୍ରକାଶ ପାଇଛି । ଏଥର ରାଜ୍ୟ ସ୍ତରରେ ଚମକିଛନ୍ତି । ତାଙ୍କର ଏହି ସଫଳତା ପାଇଁ ଜିଲ୍ଲା ରେ ଖୁସିର ଲହରୀ ଖେଳି ଯାଇଛି କ୍ଷ ଖବର ପ୍ରସାରିତ ହେବାପରେ ପୂର୍ବତନ ମନ୍ତ୍ରୀ, ସୁରେନ୍ଦ୍ର ସିଂ ଭୋଇ, ବ୍ଲକ ଉପାଦକ୍ଷ ଗୁଣସାଗର ମାଝୀ, ଜିଲ୍ଲା ପରିଷଦ ପ୍ରମୋଦ ଭୋଇ, ଯୁବ ସାମ୍ବାଦିକ ରଞ୍ଜନ ବାଗ, ପୂର୍ବତନ ସରପଞ୍ଚ କପିଳ ଭୋଇ, ସରପଞ୍ଚ ଗଜପତି ସାହୁ, ଗୋପାଳ ରଣା ଶଙ୍କର ମାଝୀ, ନୁରୁ ବଗର୍ତି, ବିଚିତ୍ର ବାଗ, ପ୍ରମୁଖ ଶୁଭେଚ୍ଛା ଜଣାଇ ଛନ୍ତିକ୍ଷ ବିଭିନ୍ନ ମହଲରୁ ସମ୍ବଦ୍ଧନାର ସୁଅ ଛୁଟୁଛି ।

## ପରିବେଶ ସମ୍ବନ୍ଧୀୟ ଜନଶୁଣାଣୀ ସଭା ଅନୁଷ୍ଠିତ




**କୋଇଡା,(ନି:ପ୍ର) :** ସୁନ୍ଦରଗଡ଼ ଜିଲ୍ଲା କୋଇଡା ତହସିଲ ଅନ୍ତର୍ଗତ ତେନ୍ତୁଳିଡ଼ିହି ଠାରେ ଥିବା ପ୍ରୟାନ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ପ୍ରସ୍ତାବିତ ବାର୍ଷିକ ୨୪ ଲକ୍ଷ ଟନ କ୍ଷମତା ବିଶିଷ୍ଟ ଲୁହାପଥର ବେନିଫିକେସନ୍ ପ୍ଲାଣ୍ଟ୍ ର ସ୍ଥାପନା ନିମନ୍ତେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣୀ ତେନ୍ତୁଳିଡ଼ିହି ଗ୍ରାମ ସ୍ଥିତ ବିଦ୍ୟାଳୟ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି ।ଏହି ଜନଶୁଣାଣୀ ରେ ସୁନ୍ଦରଗଡ଼ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ , ବଣାଇଁ ଉପଜିଲ୍ଲାପାଳ ଆଇ ଏ ଏସ ଅକ୍ଷୟ ପିଲେ,ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଉରକେଲା ଆଞ୍ଚଳିକ ଅଧିକାରୀ ଅନୁପ କୁମାର ମଲ୍ଲିକ , କୋଇଡା ତହସିଲଦାର ଆଶୀଷ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ । ଏହି ଜନଶୁଣାଣୀ ରେ ଅଂଚଳର ଜନ ପ୍ରତିନିଧିଙ୍କ ସମେତ ନିକଟସ୍ଥ ଗ୍ରାମର ୪୩ ଜଣ ଗ୍ରାମବାସୀ ଯୋଗ ଦେଇ ନିଜର ମତାମତ ପ୍ରଦାନ କରିବା ସହିତ ପ୍ରୟାନ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ର ଏହି ପ୍ରକଳ୍ପ କୁ ସମର୍ଥନ ଜଣାଇଥିଲେ ।ଏହି ଜନଶୁଣାଣୀ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିବା ସମସ୍ତ ଜନ ପ୍ରତିନିଧି ମାନେ ଅଞ୍ଚଳବାସୀଙ୍କ ପାଇଁ ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ସ୍ଥାନୀୟ ଜନସାଧାରଣ ଙ୍କୁ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି,ରାସ୍ତାର ମରାମତି ଓ ଉନ୍ନତି କରଣ, ପାନୀୟ ଜଳ ଯୋଗାଣ, ବୃକ୍ଷ ରୋପଣ, ସ୍ୱାସ୍ଥ୍ୟ ସେବା ନିମନ୍ତେ ଆମ୍ବୁଲାନ୍ସ ଯୋଗେଇଦେବା ପାଇଁ ଗ୍ରାମବାସୀ ମାନେ ଦାବୀ ଉପସ୍ଥାପନ କରିଥିଲେ । ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ସମସ୍ତ ଦାବିକୁ ପୂରଣ କରାଯିବ ବୋଲି ପ୍ରୟାନ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ଼ ର ଆର ଆର ନାୟକ ପ୍ରତିଶ୍ରୁତି ଦେଇଥିଲେ । ଏହି ଜନଶୁଣାଣୀ ରେ ଅଞ୍ଚଳର ୫୦୦ରୁ ଉର୍ଦ୍ଧ ଜନସାଧାରଣ ଯୋଗ ଦେଇଥିଲେ । ପିଟିଏ ଖଣି କମ୍ପାନୀ ପକ୍ଷରୁ ଟଙ୍କଧର ବେହେରା ସମେତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ଏହି ଜନ ଶୁଣାଣୀ କାର୍ଯ୍ୟକ୍ରମ ର ସୁପରିଚାଳନା ରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ବେଠିଆବୋରଦା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ବୁଗୁଡା,(ନି:ପ୍ର) :** ଗଞ୍ଜାମ ଜିଲ୍ଲାର ବୁଗୁଡା ବ୍ଲକ ଅନ୍ତର୍ଗତ ବେଠିଆବୋରଦା ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଫେବ୍ରୁଆରୀ ୧୪ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ବିଶ୍ୱାଳ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ୪୨ ନଂ ଜିଲ୍ଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ମିଶ୍ର ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଏସଏମସି ସଭାନେତ୍ରୀ ସୁଲୋଚନା ସ୍ୱାଇଁ, ଖୋଳଖାଳି ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟା



ପ୍ରତିନିଧି ଉମାକାନ୍ତ ପାତ୍ର ଓ କାର୍ତ୍ତିକ ସାହାଣୀ, ନାଏବ ସରପଞ୍ଚ ପ୍ରମୋଦ କୁମାର ପଣ୍ଡା, ତାଳସାକକର ୟୁ.ପି. ସ୍କୁଲ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ସେଠୀ, ଗୋଳାମୁଣ୍ଡୁଳା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ବେହେରା, ସିଆରସିସି ଦିଲ୍ଲିପ କୁମାର ବେହେରା, ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର କୁମାର ସାହୁ, ଶିକ୍ଷକ ନାରାୟଣ ମହାନ୍ତି, ସୁରେନ୍ଦ୍ର ନାଥ ଜେନା, ପ୍ରଶାନ୍ତ କୁମାର ରଥ, ସିନୁ ପାତ୍ର, ସୁଶାନ୍ତ ବେହେରା, ଯୁଧିଷ୍ଠିର ଭୂୟାଁ ଓ କାହ୍ନୁ ଚରଣ ବେହେରା ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସିଲଡ଼ ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ସିତରାମ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନିଳାଦ୍ରୀ ବିହାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମ୍ବାଦିକଙ୍କୁ ବିଜେଡି କର୍ମୀଙ୍କ ହତ୍ୟା ଧମକ, ଥାନାରେ ଅଭିଯୋଗ




**ଆଠମଲ୍ଲିକ,(ନି:ପ୍ର) :** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ କିଆକଟା ଅଞ୍ଚଳ ର ଗୌତମପୁର ଗ୍ରାମର ଅର୍ଗସ ର ସାମ୍ବାଦିକ ସନ୍ତୋଷ ମେହେର ଙ୍କୁ ବାସୁଦେବପୁର ଗ୍ରାମର ବିଜେଡି କର୍ମୀ ଉପେନ୍ଦ୍ର କର୍ଣ୍ଣ ପିତା-ଖେତ୍ରୁ କର୍ଣ୍ଣ ଗୌତମପୁର ଗ୍ରାମର ସହଯୋଗୀ ରସାନନ୍ଦ ମୁଦୁଲି ଙ୍କୁ ଧରି ରାତି ୮.୧୫ ମିନିଟ ରେ ଶ୍ରୀ ମେହେର ଙ୍କ ଘରକୁ ଆସି ନନା ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନ ରେ ମାରିଦେବାକୁ ହତ୍ୟା ଧମକ ଦେଇ ପରିବାର ବର୍ଗଙ୍କୁ ଭୟଭୀତ କରିଥିବା ଦେଖିବାକୁ ମିଳିଛି । ହତ୍ୟା ଧମକ ପାଇବା ପରେ ଭୟଭୀତ ହୋଇ ଶ୍ରୀ ମେହେର କିଆକଟା ଥାନାରେ ଏକ ଅଭିଯୋଗ ଦେଇଥିବା ଦେଖିବାକୁ ମିଳିଛି । ଅଭିଯୋଗ କୁ ଭିତ୍ତି କରି କିଆକଟା ଥାନା ଭାରପ୍ରାପ୍ତ ଅଧିକାରୀ କେଶ ନଂ ୦୦୮/୨୦୨୫ ଅଣ୍ଡର ସେକସନ ୨୯୬/୩୫୧ (୨) ଭାରତୀୟ ନ୍ୟାୟ ସଂହିତା ଅନୁଯାଇ କେଶ ରୁଜୁ କରିଥିବା ଦେଖିବାକୁ ମିଳିଛି ।

### ବାଇକ୍‌କୁ ଧକାଦେଲା ବାଇକ୍

## ଜଣେ ଗୁରୁତର ଦୁଇ ଆହାତ



**ନୂଆଗାଁ ବ୍ଲକ,(ନି:ପ୍ର) :** ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ଅର୍ନ୍ତଗତ (୫୭) ନମ୍ବର ଜାତୀୟ ରାଜପଥ ସମ୍ପଡା ଜଙ୍ଗଲ ହନୁମାନ ମନ୍ଦିର ନିକଟରେ ଦିବା ବାର ଘଣ୍ଟିକା ସମୟରେ ଦଶପଲ୍ଲା ପଟୁ ଆସୁଥିବା ବାଇକ ନୟାଗଡ଼ ପଟୁ ଆସୁଥିବା ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା ଫଳରେ ସମସ୍ତେ ଛିଞ୍ଚାଡି ହୋଇ ପଡିଥିବା ବେଳେ ନୂଆଗାଁ ଦମକଳ ବାହିନୀ ପହଂଚି ନୟାଗଡ଼ ଜିଲ୍ଲା ହସପିଟାଲରେ ଭର୍ତ୍ତି କରିଥିଲେ ଜଣେ ଗୁରୁତର ରହିଥିବା ବେଳେ ଦୁଇଜଣ ସାମାନ୍ୟ ଆହାତ ହୋଇ ନୟାଗଡ଼ ଜିଲ୍ଲା ହସପିଟାଲରେ ଚିକିତ୍ସିତ ହେଉଛନ୍ତି। ନୂଆଗାଁ ପୋଲିସ ତଦନ୍ତ ଆରମ୍ଭ କରିଛନ୍ତି। ଜାତୀୟ ରାଜପଥ କଡ଼ରେ ମଦ ଦୋକାନ ଓ ଢାବାରେ ଅବାଧ ମଦ ବେବହାର ଯୋଗୁଁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଥିବା ଅଂଚଳର ବୁଦ୍ଧିଜୀବୀ କହିଛନ୍ତି।

## ଭୋଗରା କୋଡା ସାହିରେ ଘର ନିଆଁ ଲାଗି ପାଉଁଶ



**ଆଠମଲ୍ଲିକ,(ନି:ପ୍ର) :** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଆମ୍ବଶରମୁଣ୍ଡା ପଂଚାୟତ ଅନ୍ତର୍ଗତ ଭୋଗରା କୋଡା ସାହିର ବରୁଣ ସାହୁ ପିତା ଶ୍ରୀବସ୍ତ ସାହୁ ଙ୍କ ଘର ନିଆଁ ଲାଗି ପାଉଁଶ ହୋଇଯାଇଥିବା ଦେଖିବାକୁ ମିଳିଛି । ସୂଚନା ନେବାରେ ଜଣାଯାଏ କି ବରୁଣ ସାହୁ ସମେତ ସହ ଧର୍ମଣୀ ବୈଶାଖୀ ସାହୁ ମିଳିତ ଭାବେ ଜଙ୍ଗଲ କୁ କାମ କରି ଯାଇଥିବା ବେଳେ ଆଜି ଶୁକ୍ରବାର ଦିନ ୧ଘଂଟିକା ସମୟରେ ହଠାତ ଘରେ ନିଆଁ ଲାଗି ଧାନ, ଚାଉଳ, ବାସନ କୁସନ ଲୁଗାପଟା ସବୁ ଛାରଖାର ହୋଇଯାଇଛି । ଜଙ୍ଗଲ କାମରୁ ଦୁଇ ପରାଣୀ ଘରକୁ ଫେରିଲା ପରେ ଘର ନିଆଁ ଲାଗି ଛାରଖାର ହୋଇ ପାଉଁଶ ହୋଇଯାଇଛି । ବିଶେଷ ସୂତ୍ର ରୁ ଖବର ପାଇ ଦମକଳ ବାହିନୀ ଘଟଣା ସ୍ଥଳରେ ପହଂଚି ଘର ପୋଡି ଯାଉଥିବା ଦୃଶ୍ୟ କୁ ଆୟତ୍ତ କରିଥିଲେ । ସେତେବେଳକୁ ଘର ସହିତ ସମସ୍ତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି । ବର୍ତମାନ ଖରାଦିନେ ରହିବା ବହୁତ ଅସୁବିଧା ଦେବାସହ ଏକ ବସ୍ତ୍ରୀ ହୋଇ ରହୁଥିବା ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି । ଆନୁମାନିକ ୫୦୦୦୦/ ହଜାର ରୁ ସମ୍ପତି ନଷ୍ଟ ହୋଇଥିବା ଆକଳନ କରାଯାଇଛି । ଏଣୁ ଉଚ୍ଚ କତୃପକ୍ଷ ଦୃଷ୍ଟି ଆକର୍ଷଣ କରି ଘର ପୋଡି ବାସହରା ପରିବାରଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି ।

## ଶିକ୍ଷକ ପଦବୀ ପୂରଣ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



**ନୂଆଗାଁ,(ନି:ପ୍ର) :** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ସୀଙ୍ଗାରପଲ୍ଲୀ ପଞ୍ଚାୟତ ର ଗ୍ରାମପଞ୍ଚାୟତ ହାଇସ୍କୁଲ ସୀଙ୍ଗାରପଲ୍ଲୀ ରେ ଶିକ୍ଷକ ପଦବୀ ପୂରଣ ନିମନ୍ତେ ଦାବିପତ୍ର ପ୍ରଦାନ କରିଛନ୍ତି ବିଦ୍ୟାଳୟ ପରିଚାଳନା କମିଟି,ବୁଦ୍ଧିଜୀବୀ ଏବଂ ପଞ୍ଚାୟତ ବାସି । ସୂଚନା ଅନୁଯାୟୀ ନୂଆଗାଁ ବ୍ଲକ ର ଆଦିବାସୀ ହରିଜନ ବହୁଳ,ଶିକ୍ଷା କ୍ଷେତ୍ରରେ ଅବହେଳିତ ସିଙ୍ଗାରପଲ୍ଲୀ ପଞ୍ଚାୟତ ରେ ଶିକ୍ଷାର ବିକାଶ ପାଇଁ ପଞ୍ଚାୟତର ବୁଦ୍ଧିଜୀବୀ,ଶିକ୍ଷା ପ୍ରେମୀ ଓ ଜନସାଧାରଣ ଙ୍କ ଉଦ୍ୟମ ଓ ପ୍ରଚେଷ୍ଟା ରେ ୧୯୮୬ ମସିହାରେ ସୀଙ୍ଗାରପଲ୍ଲି ଠାରେ ଗ୍ରାମପଞ୍ଚାୟତ ହାଇସ୍କୁଲ , ସୀଙ୍ଗାରପଲ୍ଲି ନାମରେ ଗଡ଼ି ଉଠିଥିଲା ପଞ୍ଚାୟତର ଏକ ମାତ୍ର ମାଧ୍ୟମିକ ବିଦ୍ୟାଳୟ । ଅଞ୍ଚଳ ରେ ଶିକ୍ଷାର ବିକାଶ ପାଇଁ ଗଢ଼ିଉଠିଥିବା ଏହି ମାଧ୍ୟମିକ ବିଦ୍ୟାଳୟ ରେ ଶିକ୍ଷାଦାନ ପାଇଁ ନିଯୁକ୍ତ ୮ ଜଣ ଶିକ୍ଷକ,ଜଣେ କିରାଣୀ,୩ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ କୁ ସର୍କଲ ଇନ୍ସପେକ୍ଟର ଖୋର୍ଦ୍ଧା ତାଙ୍କ ଚିଠି ନଂ ୧୧୦୩୨, ତା ୨୭-୦୮-୨୦୨୪ ଏବଂ ଚିଠି ନଂ -୧୮୩୯୯ ତା ୦୫-୧୨-୨୦୦୯ ରିଖ ରେ ବିଦ୍ୟାଳୟର କର୍ମଚାରୀ ଭାବେ ମଜୁରୀ ପ୍ରଦାନ କରିଥିଲେ। ସମୟକ୍ରମେ ବିଦ୍ୟାଳୟ ରେ କାର୍ଯ୍ୟରତ ୩ ଜଣ ଶିକ୍ଷକ ଓ କର୍ମଚାରୀଙ୍କ ଅକାଳ ବିୟୋଗ ହେବା ସହ ୫ ଜଣ ଶିକ୍ଷକ କର୍ମଚାରୀ ଅବସର ଗ୍ରହଣ କରିସାରିଛନ୍ତି। ବର୍ତ୍ତମାନ ୩ ଜଣ ଶିକ୍ଷକ ଏବଂ ଏକମାତ୍ର ରାତ୍ର ଜଗୁଆଳି ଙ୍କୁ ନେଇ ବିଦ୍ୟାଳୟ ଟି ଚାଲିଥିବା ବେଳେ ଆଗାମୀ ୨୦୨୫ ଅପ୍ରେଲ ଓ ମେ ମାସରେ ୨ ଜଣ କାର୍ଯ୍ୟରତ ଶିକ୍ଷକ ଅବସର ଗ୍ରହଣ କରିବେ ।ଫଳରେ ଆଗାମୀ ୨୦୨୫ ଜୁନ ମାସ ବେଳକୁ ବିଦ୍ୟାଳୟ ରେ ମାତ୍ର ୧ ଜଣ ଶିକ୍ଷକ ଏବଂ ଜଣେ ମାତ୍ର ରାତ୍ର ଜଗୁଆଳ ଚର୍ତୁଥ ଶ୍ରେଣୀ କର୍ମଚାରୀ କାର୍ଯ୍ୟ କରୁଥିବେ। ସରକାରଙ୍କ ୫ ଟି ଯୋଜନା ଅନ୍ତର୍ଗତ ଏବଂ ସମସ୍ତ ଆନୁଷଙ୍ଗିକ ଭିତ୍ତିଭୂମି ସମ୍ପର୍ନ୍ନ ଏହି ବିଦ୍ୟାଳୟଟି ପାଇଁ ଯଦିଓ ୪ ଗୋଟି ଫିଡ଼ିଂ ସ୍କୁଲ ଅଛି,ହେଲେ ଶିକ୍ଷକ ଅଭାବ ହେତୁ ପ୍ରତ୍ୟେକ ବର୍ଷ ନାମଲେଖା ହାର କମୁଥିବା ବେଳେ ଶିକ୍ଷାନୁଷ୍ଠାନ ଟିର ପୂର୍ବ ଗାରିମା କ୍ଷୁର୍ଣ୍ଣ ହେଉଛି,ଯାହାକି ଅଞ୍ଚଳ ବାସି ଙ୍କୁ ଆତଙ୍କିତ ଓ ମର୍ମାହତ କରୁଛି। ଏଥିନେଇ ଶିକ୍ଷା ବିଭାଗ ଓ ଜନପ୍ରତିନିଧି ଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ,ଦିନକୁ ଦିନ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ସଂଖ୍ୟା ହ୍ରାସ ପାଉଥିବା ବେଳେ,କୌଣସି ନିଯୁକ୍ତି ଦିଆଯାଉନାହିଁ। ବିଦ୍ୟାଳୟରେ ଅଧ୍ୟୟନ ରତ ଛାତ୍ର ଛାତ୍ରୀ ଙ୍କୁ କିପରି ଠିକସେ ଶିକ୍ଷାଦାନ କରାଯିବ ସେଥିପ୍ରତି ଶିକ୍ଷା ବିଭାଗୀୟ ଉଚ୍ଚ ଅଧିକାରୀ ମାନେ ଦୃଷ୍ଟି ଦେଉ ନଥିବାର ଅଭିଯୋଗ ହେଉଥିବା ବେଳେ ପଞ୍ଚାୟତର ଏହି ଏକମାତ୍ର ମାଧ୍ୟମିକ ବିଦ୍ୟାଳୟ ଟିର ସ୍ଥାୟୀତ୍ୱ କୁ ନେଇ ଜନସାଧାରଣ ଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି। ଶିକ୍ଷକ ବିହୀନ ଶିକ୍ଷାନୁଷ୍ଠାନ ଟି କିପରି ଉତ୍କୃଷ୍ଟ ଶିକ୍ଷାଦାନ କରିବାରେ ସମର୍ଥ ହେବ ଏବଂ ଛାତ୍ର ଛାତ୍ରୀ ଙ୍କ ଉଜ୍ୱଳ ଭବିଷ୍ୟତ ଗଠନରେ ସହାୟକ ହେବ, ତାହା ଏବେ ସନ୍ଦେହ ଘେରରେ। ଏଣୁ ଛାତ୍ର ଛାତ୍ରୀ ଙ୍କୁ ଶିକ୍ଷାଦାନ ପାଇଁ , ବିଦ୍ୟାଳୟ ରେ ଖାଲି ପଡିଥିବା ଶିକ୍ଷକ ପଦବୀ ଯଥା- ତାଲିମପ୍ରାପ୍ତ କଳା ଶିକ୍ଷକ,ସଂସ୍କୃତ ଶିକ୍ଷକ,ହିନ୍ଦୀ ଶିକ୍ଷକ,କ୍ରୀଡା ଶିକ୍ଷକ ନିଯୁକ୍ତି ସହିତ କିରାଣୀ ଓ ପିଅନ ପଦବୀ ପୂରଣ ପାଇଁ ପଞ୍ଚାୟତ ବାସୀଙ୍କ ପକ୍ଷରୁ ବିଦ୍ୟାଳୟ ପରିଚାଳନା କମିଟି ର ସଦସ୍ୟ ଙ୍କ ସମେତ ଅଞ୍ଚଳର ଶିକ୍ଷା ପ୍ରେମୀ ଓ ବୁଦ୍ଧିଜୀବୀ ମାନେ ଏକତ୍ରିତ ହୋଇ ନୟାଗଡ଼ ଠାରେ ଜିଲ୍ଲାପାଳ ଙ୍କୁ ଓ ଜିଲ୍ଲା ଶିକ୍ଷାଅଧିକାରୀ ଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ସ୍ଥାନୀୟ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦେଖିବାକୁ ରହିଲା ଏହି ବିଦ୍ୟାଳୟରେ ଅଧ୍ୟୟନ ରତ ଛାତ୍ର ଛାତ୍ରୀ ଙ୍କୁ ଶିକ୍ଷା ଦାନ ପାଇଁ କେବେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ପାଇଛନ୍ତି ? ଏବଂ ଜିଲ୍ଲା ପ୍ରଶାସନ,ଓ ଶିକ୍ଷାବିଭାଗ, ଆବଶ୍ୟକ ଶିକ୍ଷା ଗ୍ରହଣ ରୁ ବଞ୍ଚିତ ହୋଇ ଆସୁଥିବା ଛାତ୍ର ଛାତ୍ରୀ ଙ୍କୁ ଶିକ୍ଷାଦାନ ପାଇଁ କି ପଦକ୍ଷେପ ନେଉଛନ୍ତି।

## ଶ୍ରମିକ ସଚେତନତା ରଥର ଶୁଭାରମ୍ଭ



**ମାଲକାନଗିରି,(ନି:ପ୍ର) :** ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ଶ୍ରମିକ ସଚେତନତା ରଥ ଏକ ମାସ ବ୍ୟାପି ଜିଲ୍ଲା ର ସମସ୍ତ ବ୍ଲକ,ଏନଏସି, ଶ୍ରମିକ ହାଟ, ଜନବହୁଳ ସ୍ଥାନ ଓ ନିର୍ମାଣ ଧୀନ କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ସହ ରାଜ୍ୟ ସରକାର ଓ ଶ୍ରମ ବିଭାଗର ଜନାଭିମୁଖୀ ଓ ଶ୍ରମିକ କଲ୍ୟାଣ ଯୋଜନା ଗୁଡିକ କିଭଳି ଲୋକଙ୍କ ପାଖରେ ପାଞ୍ଚିପାରିବ ସେ ନେଇ ସଚେତନତା ସୃଷ୍ଟି କରିବ ଓ ବିଭିନ୍ନ ଶ୍ରମ କଲ୍ୟାଣ ବୋର୍ଡ଼ ମାଧ୍ୟମରେ ମିଳୁଥିବା ଶ୍ରମିକ ସହାୟତା ଯଥା ଓଡିଶା କୋଠା ବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼, ଓଡିଶା ସୁରକ୍ଷା ବୋର୍ଡ଼ ମାଧ୍ୟମରେ ମିଳୁଥିବା ଶ୍ରମିକ ସହାୟତା ଅଣସଂଗଠିତ ଶ୍ରମିକ ସାମାଜିକ ଯୋଜନା ଗୁଡିକ ସହ ଜିଲ୍ଲା କୁ ଶିଶୁ ଶ୍ରମିକ ମୁକ୍ତ ଓ ଅନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକ ମାନଙ୍କର ଅଧିକାର କର୍ତ୍ତବ୍ୟ ଏବଂ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରୀ ନିୟମ ବିଷୟରେ ମଧ ସଚେତନତା ସୃଷ୍ଟି କରିବ ଓ ଆଜି ଏହି କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରସନ୍ନ କୁମାର ପାଣିଗ୍ରାହୀ, ସହକାରୀ ଶ୍ରମ ଅଧିକାରୀ, ପୁର୍ଣିମା ଡୁରୁକା, ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାଶ, ଚାଇଲଡ ଲାଇନ ସଦସ୍ୟ, ସି ଡବ୍ଲୁ ସି ସଦସ୍ୟ, ପରିବର୍ତନ ଏନ ଜି ଓ, ଶ୍ରମ କାର୍ଯ୍ୟାଳୟର କର୍ମଚାରୀ ଚିନ୍ମୟ ରାଉତରାୟ, ବିଜୟନନ୍ଦ ପଣ୍ଡା, ରିଙ୍କୁ ରଞ୍ଜନ ଅଧିକାରୀ, ସୋନାଲି ରାୟ ଉପସ୍ଥିତ ଥିଲେ।

# ଲାଞ୍ଜିଗଡ ଅଞ୍ଚଳପାଇଁ କାଳ ସାଜିଛି ବେଦାନ୍ତ ରେଳ ଲାଇନ୍

## ଟ୍ରାକ୍ଟରକୁ ଧକ୍କାଦେଲା ବେଦାନ୍ତ ମାଲବାହି ଟ୍ରେନ, ଅଳ୍ପକେ ବର୍ତିଲେ ଡ୍ରାଇଭର




**ଲାଞ୍ଜିଗଡ,(ନି:ପ୍ର) :** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବେଦାନ୍ତ ରେଳ ଲାଇନରେ ବେଦାନ୍ତ କମ୍ପାନୀର ବକ୍ସାଇଟ ପାଉଡର ବୋଝେଇ ମାଲବାହି ଟ୍ରେନର ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଥିବାବେଳେ ଏହି ଦୁର୍ଘଟଣାରେ ଅନେକ ଲୋକଙ୍କ ଜୀବନ ଯାଇଛି । ଆଉ କିଏ ପଙ୍ଗୁ ହୋଇ ଘରେ ବସିଛି ଏହିଭଳି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି ଲାଞ୍ଜିଗଡ ଥାନା ଅନ୍ତର୍ଗତ ଯୋଡ଼ାବନ୍ଧ ରୁ ଗୋପୀନାଥ ପୁରକୁ ସଂଯୋଗ କରୁଥିବା ରେଲୱେ କ୍ରସିଂଙ୍ଗ ରେ । ସୂଚନା ଅନୁସାରେ ଆଜି ସକାଳୁ ଗୋପୀନାଥପୁର ଗାଁର କ୍ଷେତ୍ର ପ୍ରଧାନୀ ଙ୍କ ଟ୍ରାକ୍ଟର ଧାନ ଆଣିବାପାଇଁ ଚମ୍ପାଦେଇପୁରକୁ ଆସୁଥିବା ସମୟରେ ରେଲୱେ କ୍ରସିଂଙ୍ଗରେ ହଟାତ ବେଦାନ୍ତ କମ୍ପାନୀର ମାଲବାହି ଟ୍ରେନ ଟ୍ରାକ୍ଟର କୁ ଧକ୍କା ଦେଇଥିଲା, ଗାଡି ଡ୍ରାଇଭର ୨୦ ଫୁଟ ଦୁରକୁ ଛିଟିକି ପଡ଼ିଥିଲେ ହେଲେ ଅଳ୍ପକେ ବର୍ତ୍ତିଯାଇଥିଲେ । ଘଟଣା ସ୍ଥଳକୁ ରେଲୱେ ପୁଲିସ ଆସି ତଦନ୍ତ କରିଥିବା ଜଣାପଡିଛି । ଦୀର୍ଘ ୧୪ ବର୍ଷ ହେଲା ଏହି କ୍ରସିଂଙ୍ଗରେ ଓଭର ବ୍ରିଜ ନିର୍ମାଣ କରିବାପାଇଁ ଅଞ୍ଚଳବାସୀ ବେଦାନ୍ତ କର୍ତ୍ତୃପକ୍ଷଙ୍କୁ ଦାବି କରିଛନ୍ତି ଓ ଅନେକ ଥର ମାଲବାହି ଟ୍ରେନକୁ ଅଟକାଇ ଧାରଣା ଦେଇଛନ୍ତି । ଏମିତିକି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ବାରମ୍ବାର ଅଭିଯୋଗ କରିଛନ୍ତି ହେଲେ କେହି ମଧ୍ୟ ଦୃଷ୍ଟି ଦେଉନାହାନ୍ତି । ଦେଖ ଶୁଣ ଚୁପ ରୁହ ନୀତି ଅବଲମ୍ବନ କରୁଛନ୍ତି ଜିଲ୍ଲା ପ୍ରଶାସନ ଓ ବେଦାନ୍ତ କର୍ତ୍ତୃପକ୍ଷ । ଏପଟେ ଗୋଟିଏ ପରେ ଗୋଟିଏ ଦୁର୍ଘଟଣା ଘଟିଚାଲିଛି ହେଲେ କାହାର ଫକର ନାହିଁ । ଏପଟେ ଦୁର୍ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି ଯେହେତୁ ପ୍ରତିଦିନ ଅନେକ ସ୍କୁଲ, କଲେଜ ଛାତ୍ର ଛାତ୍ରୀ ଯିବା ଆସିବା କରୁଛନ୍ତି ଏହି କ୍ରସିଂଙ୍ଗରେ ଫାଟକ ମଧ୍ୟ ନାହିଁ ସେତିପାଇଁ ସଦାବେଳେ ଭୟର ବାତାବରଣ ଦେଖାଦେଉଛି । ଏପଟେ ଘଟଣା ସ୍ଥଳକୁ ବେଦାନ୍ତ କର୍ମଚାରୀ ଆସି ଲୋକଙ୍କ ସହ ଆଲୋଚନା କରୁଥିବାବେଳେ ଲୋକେ କ୍ଷୟତି ପୂରଣ ଦାବି କରିବା ସହ ଓଭର ବ୍ରିଜ ଯଥାଶୀଘ୍ର ନିର୍ମାଣ କରିବାପାଇଁ ଦାବି ରଖିଛନ୍ତି ହେଲେ ସୂଚନା ଥାଉ କି ଯେତେବେଳେ ଦୁର୍ଘଟଣା ହୁଏ ବେଦାନ୍ତ କର୍ତ୍ତୃପକ୍ଷ ଆସି କେବଳ ପ୍ରତିଶୃତି ଦେଇ ଚାଲିଯାନ୍ତି ହେଲେ ବର୍ଷ ପରେ ବର୍ଷ ବିତି ଯାଉଥିଲେ ହେଁ ଦେଇଥିବା ପ୍ରତିଶୃତି କୁ ପୂରଣ କରି ନାହାନ୍ତି। ବର୍ତମାନ କେବେ ଓଭରବ୍ରିଜ ନିର୍ମାଣ ହେବ ତାହା ଦେଖିବାକୁ ବାକି ରହିଲା ।

# ମୀନାଝୋଲା ଶୈବପିଠରେ ମାଘ ପୂର୍ଣ୍ଣିମା



**ଗୁଡ଼ାରି,(ନି:ପ୍ର) :** ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ରୁ ୩୨ କିଲୋମିଟର ଦୁରରେ ଥିବା ମୀନାଝୋଲା ଶୈବପିଠ ରେ ଭଗବାନ ଶିବ ମସ୍ତ ରୂପରେ ପୂଜା ପାହାନ୍ତି। ଏହି ଶୈବ ପୀଠ ବହୁ ପୁରାତନିକ ଓ ମହିମା ଥିବା ଶୈବ ପୀଠ। ଏହି ପୂଣ୍ୟ କ୍ଷେତ୍ରରେ ତିନୋଟି ନଦୀ ବଂଶଧାର , ଚାଉଳଧୂଆଁ ଓ ପଳ ପଳିଆ ର ଏକ ସଂଙ୍ଗମ ସ୍ତଳ ଅଛି ଏହାକୁ ତ୍ରିବେଣୀ ସଙ୍ଗମ ବୋଲି କହନ୍ତି । ଏହି କ୍ଷେତ୍ରରେ ନନ୍ଦ ଗିରି ବାବା ୫ ବର୍ଷ ପୂର୍ବେ ଜନ କଲ୍ୟଣ ଆଶ୍ରମ ସ୍ଥାପଣ କରିଛନ୍ତି । ଶ୍ରୀ ନନ୍ଦ ଗିରି ଚାପା ଙ୍କ ନେତୃତରେ ମାଘ ପୂର୍ଣ୍ଣିମା ଦିନ ପଞ୍ଚ ବାର୍ଷିକ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି ଓ ମହେନ୍ଦ୍ରଗିରି ଲକ୍ଷ୍ମୀ ବାବାଙ୍କ ସଂକଳ୍ପ ଦିବସ ହୋଇଥିବାରୁ , ମହା ଆଡ଼ମ୍ବର ରେ ଗାୟତ୍ରି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କୁ ଲକ୍ଷ୍ମୀ ବାବା ଙ୍କ ଶିସ୍ୟ ଏବଂ ଭକ୍ତମାନେ ବହୁ ଦୁରରୁ ତିନି ଦିନ ଆଗରୁ ଆସି ଭଜନ ଓ କିର୍ତ୍ତନ କରି ଗୁରୁଙ୍କ ପ୍ରବଚନ ସୁବିଥିଲେ । ତିନିଟି ନଦୀର ପାଣି ମିଶି ମୀନକେତନ ଭଗବାନ ପାଦ ସ୍ପର୍ଶ କରି ଗୌରି କୁଣ୍ଡିରେ ପାଣି ପଡ଼ିଥାଏ ଓ ମାଘ ପୂର୍ଣ୍ଣିମା ଦିନ ପଡ଼ିଥାଏ ବା ହେବାରୁ ଏହି ଶୈବ ପୀଠ ରେ ଶ୍ନାନ କଲେ ୭ ଜନ୍ମ ର ପୂଣ୍ୟ ମିଳିବ ବୋଲି କୁହନ୍ତି । ପୂର୍ଣ୍ଣିମା ଦିନ ପ୍ରଭାତ ରେ ଭକ୍ତମାନେ ଏହି ତ୍ରିବେଣୀ ସଙ୍ଗମ ରେ ବୁଡ଼ କରି ସୂର୍ଯ୍ୟ ଭଗବାନ ଙ୍କୁ ତର୍ପଣ ଦେଇ ତା ପରେ ପିତୃ ତର୍ପଣ ଦେଇ ଥିଲେ । ଏହି ତ୍ରିବେଣୀ ସଙ୍ଗମ ପ୍ରୟାଗ ରାଜ ରେ କୁଡ଼ ପକାଇବା ପାଇଁ ଭକ୍ତଙ୍କ ବ୍ୟାକୁଳ । ଏହି ଶୈବ ପୀଠ ମଧ୍ୟ ତ୍ରନଟି ନଦୀର ସଙ୍ଗମ ହୋଇଥିବାରୁ ଭାରତ ବର୍ଷରେ ଏହା ଦ୍ୱିତୀୟ ତ୍ରିବେଣୀ ସଙ୍ଗମ ବୋଲି ଲକ୍ଷ୍ମି ବାବା ମତ ପ୍ରକାଶ କରିଛନ୍ତି । ବାବା କହିଛନ୍ତି ଏହି ତ୍ରିବେଣୀ ସଙ୍ଗମ ରେ ମଧ୍ୟ ଗୁଡ଼ ପକେଇଲେ ମଧ୍ୟ ପୁଣ୍ୟ ମିଳିଥାଏ ବୋଲି କହିଛନ୍ତି । ଅଧିକାଂଶ ଲୋକ ଏହି ଶ୍ନାନ ପାଇଁ ଜାଣି ନାହାନ୍ତି । ପ୍ରତିବର୍ଷ ମାଘ ପୂର୍ଣ୍ଣିମା ଦିନ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଲକ୍ଷ୍ମୀ ବାବା କହିଛନ୍ତି । ଆସନ୍ତା ମାସ ୨୬/ ୦୨ ରେ ପଡ଼ିଥିବା ଶିବରାତ୍ର ଦିନ ଏହି ଶୈବ ପୀଠ କୁ ଲକ୍ଷ ଲକ୍ଷ ଲୋକ ଉପସ୍ଥିତ ହୋଇ ଶିବଙ୍କ ଦର୍ଶନ କରି ପୂଜା ଅର୍ଚ୍ଚନା କରନ୍ତି ।

# ଛାତ୍ରଛାତ୍ରୀଙ୍କ ବିଦାୟ କାଳୀନ ସମାରୋହ



**ଲାଞ୍ଜିଗଡ଼,(ନି:ପ୍ର) :** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ମାଳିଯୁବାଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମହା ଆଡମ୍ବରେ ପାଳିତ ହୋଇଯାଇଛି ଛାତ୍ର ଛାତ୍ରୀଙ୍କ ବିଦାୟ କାଳୀନ ସମାରୋହ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଣେଶ୍ୱର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସଭାକାର୍ଯ୍ୟରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆଗାମୀ ଭବିଷ୍ୟତ ନିର୍ମାଣ ନିମନ୍ତେ ଅନେକ ପ୍ରକାର ଉଦାହରଣ ସହ ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ଦିଗଦର୍ଶନ ଦେଇଥିଲେ। ଏଥିରେ ଦଶମ ଶ୍ରେଣୀର ୨୩ ଜଣ ଛାତ୍ରଛାତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ସମସ୍ତ ଛାତ୍ରଛାତ୍ରୀଙ୍କୁ ପାଠପଢ଼ାରେ ଉତ୍ସାହିତ କରିବା ପାଇଁ ଆଗାମୀ ଦଶମ ପରୀକ୍ଷାରେ ଯେଉଁ ଛାତ୍ରଛାତ୍ରୀ କୃତିତ୍ୱ ଅର୍ଜନ କରିବା ସହ ଭଲ ମାର୍କ ରଖିଲେ ସେମାନଙ୍କୁ ନଗଦ ଏକ ହଜାରରୁ ପାଞ୍ଚ ହଜାର ଟଙ୍କା ପୁରସ୍କାର ଦିଆଯିବ ଏବଂ ଇ୧ପାଇଲେ ୨୦୦୦ଟଙ୍କା ଓ କାମଦ ଗିଭେଲାଙ୍କ ଘୋଷଣା ଦଶମ ଶ୍ରେଣୀ ବୋଡ଼ ପରୀକ୍ଷା ରେ ୭୦ପ୍ରତିଶତି ବୋଲି ଘୋଷଣା କରି କହିଛନ୍ତି ସରୋଜ କୁମାର ବାରେଟ, କାମଦ ଘିଭେଲା, ଟୁଲୁଗୁ ଛନ୍ଦ୍ର ମଉଳି, ନିରଞ୍ଜନ ମହାନ୍ତ, ସୀମା ସୂରିନ୍ ପ୍ରମୁଖ।ଏଥିରେ ବିଦ୍ୟାଳୟର ପ୍ରଥମରୁ ଦଶମ ଶ୍ରେଣୀର ହାରାହାରି ୧୯୯ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।ଏହି ସମାରୋହ ଉତ୍ସବରେ ଶିକ୍ଷକ ନକୁଳ ନାଗ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ସୀମା ଘିଭେଲା ଧନ୍ୟବାଦ ଅର୍ପଣ କରିଥିଲେ।

### କଳଭର୍ଟ ଉପରେ ପିଚୁ ଦ୍ୱିଯାଇ

# ମରଣଯନ୍ତା ପାଲଟିଛି ଅର୍ଜୁନପୁର-ବୁର୍ଡା ରାସ୍ତା



**ସୁବର୍ଣ୍ଣପୁର,(ନି:ପ୍ର) :** ସୋନପୁର ସଦର ବ୍ଲକ ଅର୍ଜୁନପୁର - ବୁର୍ଡା ରାସ୍ତାର ଅର୍ଜୁନପୁର ଛକଠାରୁ ମାତ୍ର ୧ କିଲୋମିଟର ଦୂରରେ ଜାମପାଲି ଛକ ନିକଟ ମାଁ ବନଦୁର୍ଗା ଙ୍କ ପଥେଇ ପାଖରେ ଥିବା କଳଭର୍ଟ ଉପରେ ପିଚୁ ଦ୍ୱିଯାଇ ବିପଜ୍ଜନକ ଭାବେ ଖାଲ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଯେ, ଅର୍ଜୁନପୁର - ବୁର୍ଡା ରାସ୍ତା ଏକ ବ୍ୟସ୍ତ ବହୁଳ ରାସ୍ତା ଅଟେ। ଯେକୌଣସି ସମୟରେ ବଡ଼ ଅଘଟଣ ଘଟିବା ଆଶଙ୍କା ରହିଛି। ସେହିପରି ସର୍ଗୁଣାମୁଣ୍ଡା ଢାବା ନିକଟବର୍ତ୍ତୀ ଗଡାଣିଆ ଠାରେ ଥିବା କଲର୍ଭଟ ମଧ୍ୟ ଦ୍ୱି ଖାଲ ସୃଷ୍ଟି ହୋଇଛି। ଏହା ପୂର୍ତ୍ତ ବିଭାଗ ରାସ୍ତା ହୋଇଥିବା ବେଳେ ଏହାର ମରାମତି ପାଇଁ ସ୍ଥାନୀୟ ଲୋକେ ଅନେକ ଥର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛ ବୃଦ୍ଧି ହୋଇ ରାସ୍ତା ସଂଙ୍କୁଚିତ ହୋଇଛି । ଏବଂ ବିଭିନ୍ନ ସ୍ଥାନରେ ରାସ୍ତା କଡ଼ରେ ପିଚୁ ଠାରୁ ମାଟି ଖସି ଗର୍ତ୍ତ ମାନ ରହିଛି। ସରକାରୀ ବାବୁ ଙ୍କ ଅବହେଳା ଯୋଗୁଁ ଦୈନନ୍ଦିନ ଛୋଟ ବଡ ଦୁର୍ଘଟଣା ବୃଦ୍ଧି ପାଉଛି। ତେଣୁ ଏହି କର୍ଲଭଟ ରାସ୍ତା ମରାମତି କରି ରାସ୍ତା କଡ଼ର ଅନାବନା ଗଛ ସଫାକରି ମାଟି ପକାଇବା ପାଇଁ ସାମାଜିକ କର୍ମୀ ସର୍ଜନ କୁମାର ପାଣ୍ଡେ ଦାବି କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ପୂର୍ତ୍ତ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ପଠାଣିସମନ୍ତ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ନୟାଗଡ କ୍ରିଡା ଛାତ୍ରାବାସ ବିଜୟୀ

**ଖଣ୍ଡପଡା,(ନି:ପ୍ର) :** ଖଣ୍ଡପଡା ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ସାମନ୍ତ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ନୟାଗଡ କ୍ରିଡା ଛାତ୍ରାବାସର ଫୁଟବଲ କ୍ଲବ ଟ୍ରାଇବେକରରେ ୪-୨



ଗୋଲରେ ଖଣ୍ଡପଡ଼ାକୁ ହରାଇ ଫାଇନାଲରେ ପହଞ୍ଚିଛି। ଉଭୟ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନଥିଲେ। ଟ୍ରାଇବେକରରେ ନୟାଗଡ ଦଳ ୪ଟି ଗୋଲକରି ବିଜୟୀ ହୋଇଥିଲେ।ମୂଖ୍ୟ ଅତିଥି ଭାବେ ବେଲଗୁଣ୍ଠା ଏନ,ଏ,ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ବର ମହାପାତ୍ର ଯୋଗଦେଇ ଖେଳାଳି ମନଙ୍କ ସହ ହାତ ମିଳାଇ ଖେଳର ଭବିଷ୍ୟତ କାମନା କରିଥିଲେ।ମୂଖ୍ୟ ରେଫରୀ ଭାବେ ସୂର୍ଯ୍ୟକାନ୍ତ ଦଳବେହେରା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଲାଇନ୍ସରେ ସମିର ଖୁଣ୍ଟିଆ, ସୁବାସ ଚନ୍ଦ୍ର ବେହେରା ଓ ୪ର୍ଥ ରେଫରୀ ଭାବେ ତପନ କୁମାର ସାହୁ ଖେଳକୁ ପରିଚାଳନା କରିଥିଲେ।

# ମାଳିଯୁବାଙ୍ଗ ଓ ବିଜେପୁର ଠାରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା



**ଲାଞ୍ଜିଗଡ,(ନି:ପ୍ର) :** ଲାଞ୍ଜିଗଡ଼ ବ୍ଲକ ମାଳିଯୁବାଙ୍ଗ କ୍ଲଷ୍ଟର ମାଳିଯୁବାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ନିପୁଣ ଓଡ଼ିଶା ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ନୂତନ ଶିକ୍ଷା ପଦ୍ଧତିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ର କିଭଳି ନିଜ ଭାଷା ଏବଂ ସଂଖ୍ୟାକୁ ପ୍ରାଞ୍ଜଳ ଭାବେ ବୁଝିପାରିବେ,ଲେଖି ପାରିବେ ଏବଂ କହିପାରିବେ ତାହା ଏହି କାର୍ଯ୍ୟକ୍ରମର ଉଦେଶ୍ୟ। ୨୦୨୬-୨୭ ଶିକ୍ଷାବର୍ଷଠାରୁ କିଭଳି ଛାତ୍ରୀଛାତ୍ର ତୃତୀୟ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ପରବର୍ତ୍ତୀ ଶ୍ରେଣୀରୁ ନିଜେ ଭାଷା ଓ ସଂଖ୍ୟାଜ୍ଞାନ ଜାଣିପାରିବେ ସେଥିପାଇଁ ବର୍ତ୍ତମାନଠାରୁ ପିଲାଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ୧୬ସ୍କୁଲର ୨୦୦ଶହରୁ ଉର୍ଦ୍ଧ ଛାତ୍ରୀଛାତ୍ର ସାମିଲ ହୋଇଥିଲେ । ମାଳିଯୁବାଙ୍ଗ କ୍ଲଷ୍ଟର ସଂଯୋଜକ ଘାସିରାମ ମାଝୀ ଓ ମାଳିଯୁବାଙ୍ଗ ପ୍ରଧାନ ଶିକ୍ଷକ ଅଣେଶ୍ୱର ନାଏକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ଜୋନ ୨ଜିଲ୍ଲାପରିଷଦ ସଦସ୍ୟ ପରୀକ୍ଷିତ ନାଏକ ଯୋଗଦେଇ ଥିବା ବେଳେ ସନ୍ମାନୀତ ଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀପ୍ରିୟା ମୁଦୁଲି, ପୂର୍ବତନ ସିଆରସିସି ପରମେଶ୍ୱର ନାଏକ, ସିନି ଟାଟାଷ୍ଟ୍ରଷ୍ଟ ସଂଯୋଜିକା ପ୍ରକାଶିନୀ ନାଗ ପ୍ରମୁଖ ମଞ୍ଚାସିନ ଥିଲେ ଓ ସେହିପରି ବିଜେପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ନିପୁଣ ଓଡିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମ ବିଜେପୁର କ୍ଲଷ୍ଟର ସଂଯୋଜକ ଶିବରାମ ପ୍ରଧାନ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଚୁମ୍ବନ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ଜୋନ ୨ ଜିଲ୍ଲାପରିଷ ସଦସ୍ୟ ପରୀକ୍ଷିତ ନାଏକ ସରପଞ୍ଚ ପ୍ରତିନିଧି ଟୀକା ମାଝୀ ପୂର୍ବତନ ସିଆରସିସି ଜଗଦିଶ ପୁଟା, ସିନି ଟାଟାଟ୍ରଷ୍ଟ ସଂଯୋଜକ ସୁମନ୍ତ ନାଏକ ସମେତ କ୍ଲଷ୍ଟରର ସମସ୍ତ ସ୍କୁଲର ଜଣେ ଲେଖାଏ ଶିକ୍ଷକ ଯୋଗଦେଇଥିବା ବେଳେ ଶିକ୍ଷକ ନକୁଳ ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଗୁଡ଼ାରୀ ସାଇବାବା ମନ୍ଦିରରେ ସତ୍‌ସଙ୍ଗ ଓ ସାଇସ୍ରୁଧା ଅନୁଷ୍ଠିତ




**ଗୁଡ଼ାରି,(ନି:ପ୍ର) :** ରାୟଗଡ଼ା ଜିଲ୍ଲାର ଗୁଡ଼ାରି ର ସତ୍ୟସାଇ ବାବାଙ୍କ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି ଭଜନା, ସତସଙ୍ଗ ଓ ସାଇସ୍ରୁଧା । ଏହି ସତସଙ୍ଗ ବା ଶୋଭାର ଆବାହକ ଲାଡ଼ି ଗୌରିଶଙ୍କର ତ୍ୱତ୍ତ୍ୱାବଧାନ ରେ ଅନୁଷ୍ଠିତ ହୋଇଯାଇଛି ସମୟ ୬.୩୦ ଘଣ୍ଟା ରୁ ୯.୩୦ ଘଣ୍ଟା ପର୍ଯନ୍ତ । ଶୋଭାର ଆବାହକ ଙ୍କ ନିମନ୍ତ୍ରରେ ଗୁଣପୁର, ପଦ୍ମପୁର। ଡ଼େପାଗୁଡ଼ା ଓ ଗୁଡ଼ାରୀ ର ସତ୍ୟ ସାଇ ବାବା ଙ୍କ ଭକ୍ତ ମାନେ ଉପସ୍ଥିତ ରହି ଭଜନା ନିଷ୍କଳ ମନରେ ସମ୍ପ୍ରଦାୟ ବଧ ରେ ପୂରଣ କରିଥିଲେ । ଅନ୍ୟାନ୍ୟ ସାଇ ସମିତି ରୁ ଶୋଭା ଆବାହକ ଓ ବୟଜୈଷ୍ଟ ସାଇ ଭକ୍ତ ଗୁଣପୁରରୁ ଶ୍ରୀ ଶିବା ଦୁର୍ଗାୟା, ବାଙ୍ଗାରୀ ସାଇରାମ, ପଦ୍ମପୁର ର ପ୍ରକାଶ ଚନ୍ଦ୍ର ସେନାପତି ଓ ଗୁଡ଼ାରୀ ରୁ ପ୍ରବଚନ ଦେଇଥିଲେ । ଗୁଡ଼ାରି ସାଇ ସମିତି ପକ୍ଷରୁ ଏହି ସମିତି ର ବୟଜୈଷ୍ଟ ଭକ୍ତ ମାନଙ୍କୁ ୧. ବାରାଟାମ ସୂର୍ଯାରାଓ ୨ ତାଙ୍ଗୁଡୁ ସାଇବାବା ଆ ଗୁଡ଼୍କା ପ୍ରଭାବତି , ଲାଭି ଭାଗ୍ୟ ଲକ୍ଷ୍ମି, କୋରଡ଼ । ଅମରାବତି , ଦେବେରେ ସେଟି ରୂପାବତି ଙ୍କୁ ସମ୍ମାନ କରାଗଲା । ଏହି ଜୈଷ୍ଟ ସାଇଭକ୍ତ ମାନଙ୍କୁ ସାଲୁଆ ଓ ସତ୍ୟ ସାଇ ଙ୍କର ଫୋଟ ଚ୍ିତ୍ର ପ୍ରଧାନ କରିଥିଲେ । ଏହି ସତ୍‌ସଙ୍ଗରେ ଉପସ୍ଥିତ ଭକ୍ତ ମାନଙ୍କୁ ରାତ୍ର ପ୍ରାୟ ୧୫୦ ଜଣଙ୍କ ପାଇ ଅନ୍ନପ୍ରସାଦ କରାଯାଇଥିଲା।

# ଛାତ୍ରଛାତ୍ରୀଙ୍କ ଇଚ୍ଛାଶକ୍ତିକୁ ଜାଗ୍ରତ ରଖିବା ଚେଷ୍ଟାରେ ଜାଗୃତି



**ବେତନଟୀ/ବାରିପଦା, (ନି:ପ୍ର) :** ବେତନଟୀ ବ୍ଲକ୍ ର କସ୍ତୁରବା ବାଳିକା ବିଦ୍ୟାଳୟ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଧନପୁରର ବାର୍ଷିକ ଉତ୍ସବ ଜାଗୃତି-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଇଓ ଗୋପାଳ ଚନ୍ଦ୍ର ସେନାପତି ସଭାପତିତ୍ୱ କରିଥିଲେ ଓ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ କାନନାବାଳା କର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ରୂପେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକାରିଣୀ ସବିତା ମାଝୀ ଓ ମୁଖ୍ୟବକ୍ତା ଥିଲେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ । ସମ୍ମାନିତ ଅତିଥିଭାବେ ବିପ୍ଳବ କର ବିଇଓ ବେତନଟୀ, ଅପର୍ଣ୍ଣା ସାହୁ ଏବିଇଓ ବେତନଟୀ, ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ ପ୍ରାକ୍ତନ ବେତନଟୀ ବିଆରସିସି,ସପନ କୁମାର ପୃଷ୍ଟି, ଜିଲ୍ଲା ସମଗ୍ର ଶିକ୍ଷା ଅଭିଯାନର ଆଦିବାସୀ ସଂଯୋଜକ, ସ୍ଥାନୀୟ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ହାଁସଦା ଓ ସବିତା ମହାନ୍ତି ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ, ଭବାନୀଶଙ୍କର ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରମୁଖ ମଞ୍ଚାସୀନ ଥାଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ଶିକ୍ଷାଲାଭ ପ୍ରତି ଅବହେଳା ନ କରି ନିଜଚରିତ୍ର ଓ ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣର ବ୍ୟକ୍ତବ୍ୟ ଦେଇଥିଲେ। ଜାଗ୍ରତ ପ୍ରହରୀ ସ୍ୱରୂପ, ସମସ୍ତଙ୍କ ମନରେ ଜାଗୃତି ଆଣୁ, ସମସ୍ତେ ଶିକ୍ଷା ପ୍ରତି ସଚେତନ ହୁଅନ୍ତୁ।ଏହା ଆଜି ଦିନର ଆହ୍ୱାନ, ଏଣୁ ଜାଗୃତି ନାମକରଣ ଯଥାର୍ଥ ଅଟେ ବୋଲି ବକ୍ତାଗଣ କହିଥିଲେ । ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ଓ ଶିକ୍ଷୟିତ୍ରୀ କିରଣବାଳା ନାୟକ ଉପସ୍ଥିତ ଥାଇ ଛାତ୍ରଛାତ୍ରୀମାନଙ୍କୁ ଓ ବିଶେଷଭାବେ ନାରୀ ଶିକ୍ଷାର ଅଗ୍ରଗତି ସମ୍ବନ୍ଧିତ ଉପଦେଶ ରଖିଥିଲେ । ନିକଟରେ ବେତନଟୀ ବ୍ଲକରୁ ଅବସରପ୍ରାପ୍ତ ଏବିଇଓ ରମାକାନ୍ତ ମହାନ୍ତଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ସଠିଲୋଗ୍ରାମର ପୂର୍ବତନ ଶିକ୍ଷକ ସ୍ୱର୍ଗତ କରୁଣାକର ନାୟକ ଶିକ୍ଷାବୃତ୍ତି ୩ୟ, ୫ମ ଓ ୮ମ ଶ୍ରେଣୀରେ ଗତବର୍ଷ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ତ୍ରୟଙ୍କୁ ପ୍ରଦାନ କରାଯାଇଥିଲା । ମଧ୍ୟାହ୍ନ ଭୋଜନ ବିରତି ପରେ ବାର୍ଷିକ କ୍ରୀଡା ଓ ବିଭିନ୍ନ ଦିଗରେ ପାରଦର୍ଶୀତା ହାସଲକାରୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ବଣ୍ଟନ କରାଯିବା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଗଣ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀଗଣ ସହଯୋଗ କରିଥିଲେ । ଶେଷରେ ପ୍ରଧାନଶିକ୍ଷିକା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯକ୍ଷ୍ମା ନିରାକରଣ ପାଇଁ ଗଣମାଧ୍ୟମ ସଚେତନତା




**ଜଗତସିଂହପୁର,(ନି:ପ୍ର) :** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ସମ୍ମିଳନୀ କକ୍ଷରେ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଏବଂ ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ସମ୍ବନ୍ଧ ରେ ଏକ ସଚେତନା କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶତ୍ରୁଘ୍ନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା।ଏହି ସଚେତନତା କାର୍ଯ୍ୟକ୍ରମ ରେ ଜିଲ୍ଲା ସ୍ତରୀୟ ଅଧିକାରୀ ଡାକ୍ତର ରଶ୍ମୀ ରଞ୍ଜନ ପଟ୍ଟନାୟକ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଯକ୍ଷ୍ମା ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।ପ୍ରାରମ୍ଭରେ ଡାକ୍ତର ଦାଶ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ ଏବଂ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମରେ ଗଣମାଧ୍ୟମର ସାମିଲ ହେବାର ଗୁରୁତ୍ୱ ବିଷୟରେ କହିଥିଲେ। ଡକ୍ଟର ପଟ୍ଟନାୟକ ସମାବେଶକୁ ସମ୍ବୋଧିତ କରି କହିଥିଲେ ଯେ ସଚେତନତା ବୃଦ୍ଧି, କଳଙ୍କ ହ୍ରାସ ଏବଂ ଯକ୍ଷ୍ମା ନିବାରଣ ଏବଂ ଚିକିତ୍ସାରେ ଅଂଶଗ୍ରହଣକୁ ଉତ୍ସାହିତ କରି ଯକ୍ଷ୍ମା (ଟିବି) ଦୂର କରିବା ପାଇଁ ଭାରତର ପ୍ରୟାସରେ ଗଣମାଧ୍ୟମ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ।ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ବିପିନ୍ ବିହାରୀ ପାତ୍ର ଭାରତର ଯକ୍ଷ୍ମା ମୁକ୍ତ ରାଷ୍ଟ୍ର ଯାତ୍ରାରେ ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଉପରେ ସ୍ଲାଇଡ୍ ଉପସ୍ଥାପନ କରିଥିଲେ। ବିଶେଷକରି ଉଚ୍ଚ ବିପଦପୂର୍ଣ୍ଣ ଗୋଷ୍ଠୀ ପାଇଁ ନିଦାନ, ଚିକିତ୍ସା ଏବଂ ସହାୟତା ସେବାକୁ ବୃଦ୍ଧି କରି, ଭାରତ ୨୦୨୫ ସୁଦ୍ଧା ଯକ୍ଷ୍ମା ସମାପ୍ତ କରିବା ପାଇଁ ଏକ ବ୍ୟାପକ ପଦ୍ଧତି ପାଇଁ ମଞ୍ଚ ପ୍ରସ୍ତୁତ କରୁଛି।ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀମତୀ ମହାନ୍ତି ପ୍ରତ୍ୟେକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଯକ୍ଷ୍ମା ଉପରେ ଖବର ପ୍ରସାରଣ ଏବଂ ପ୍ରକାଶ କରିବାକୁ ଆହ୍ୱାନ କରିଛନ୍ତି ଯାହା ଦ୍ୱାରା ସମାଜରୁ କଳଙ୍କ ଏବଂ ଭେଦଭାବ ହ୍ରାସ କରାଯାଇପାରିବ। ଶେଷରେ ଏମ୍ଡି ଓ୍ୱାକାର ଅଲି ଜିଲ୍ଲା ପିପିଏମ୍ ସଂଯୋଜକ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ମୂଲ୍ୟବାନ ସମୟ ଦେବା ଏବଂ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମରେ ଅଂଶ ହେବା ପାଇଁ ଧନ୍ୟବାଦ ଜଣାଇଛନ୍ତି। ଆସନ୍ତୁ ଯକ୍ଷ୍ମା ଦୂର କରିବା ଏବଂ ଏକ ସୁସ୍ଥ ଭବିଷ୍ୟତ ଗଠନ କରିବା ପାଇଁ ହାତ ମିଳାଇବାଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

# ୩୮ତମ ଜାତୀୟ କ୍ରୀଡ଼ାରୁ ୧୪ ସ୍ୱର୍ଣ୍ଣ ସମେତ ୪୬ଟି ପଦକ ଆଣିଲେ ଓଡ଼ିଆ ଖେଳାଳି



**ଭୁବନେଶ୍ୱର,୧୪।୨ :** ଉତ୍ତରାଖଣ୍ଡରେ ଆୟୋଜିତ ହୋଇଥିବା ୩୮ତମ ଜାତୀୟ କ୍ରୀଡ଼ାରୁ ଓଡ଼ିଶାର କ୍ରୀଡ଼ାବିତମାନେ ୪୬ଟି ପଦକ ହାସଲ କରିଛନ୍ତି। ଏଥିମଧ୍ୟରୁ ୧୪ଟି ସ୍ୱର୍ଣ୍ଣ ପଦକ, ୧୫ଟି ରୌପ୍ୟ ପଦକ ଏବଂ ୧୭ଟି କାଂସ୍ୟ ପଦକ ରହିଛି। ନ୍ୟାସନାଲ ଗେମ୍ସରେ ସର୍ବ ଭାରତୀୟ ସ୍ତରରେ ଓଡ଼ିଶା ୧୨ତମ ସ୍ଥାନ ହାସଲ କରିଛି। ଏଥିସହ ଓଡ଼ିଶା ଟପ୍ ୧୫ରେ ମଧ୍ୟ ସ୍ଥାନ ପାଇଛି। ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଓଡ଼ିଶାର କ୍ରୀଡ଼ାବିତଙ୍କ ପାଇଁ ୬ଲକ୍ଷ, ରୌପ୍ୟ ପଦକ ପାଇଁ ୪ ଲକ୍ଷ ଓ କାଂସ୍ୟ ପଦକ ପାଇଁ ୩ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ୩୮ତମ ନ୍ୟାସନାଲ ଗେମ୍ସରେ କ୍ରୀଡ଼ାବିତମାନଙ୍କ ଉଲ୍ଲେଖନୀୟ ସଫଳତା ସମ୍ବନ୍ଧରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ଚଳିତ ବର୍ଷ ଜାତୀୟ କ୍ରୀଡ଼ାରେ ଓଡ଼ିଶା ଟପ୍ ୧୫ରେ ସ୍ଥାନ ପାଇଛି। ଓଡ଼ିଶାକୁ ଏଥର ସର୍ବମୋଟ ୪୬ଟି ପଦକ ଏବଂ ୧୪ଟି ସ୍ୱର୍ଣ୍ଣ ପଦକ ମିଳିଛି। ମୁଁ ସମସ୍ତ କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଏଥିସହ ସଫଳ କ୍ରୀଡ଼ାବିତମାନଙ୍କୁ ସରକାରଙ୍କ ତରଫରୁ ପୁରସ୍କାର ରାଶି ପ୍ରଦାନ କରିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ଆମ କ୍ରୀଡ଼ାବିତମାନେ ହେଲେ ଆମ ଗର୍ବ ଓ ଗୌରବ। ନ୍ୟାସନାଲ ଗେମ୍ସରେ ଉଲ୍ଲେଖନୀୟ ସଫଳତା ପାଇଁ ଆମେ ସମସ୍ତେ ଆଜି ଗର୍ବିତ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ୩୮ତମ ନ୍ୟାସନାଲ ଗେମ୍ସରେ ଓଡ଼ିଶାରୁ ୩୦୨ଜଣ ଆଥଲିଟ ଓ ୭୫ ଜଣ ସପୋର୍ଟ ଷ୍ଟାଫ୍ ଯୋଗ ଦେଇଥିଲେ। ଓଡ଼ିଶାର ଧାବକ ଅନିମେଷ କୁଜୁରଙ୍କୁ ୩ଟି ସ୍ୱର୍ଣ୍ଣ, ଜିମନାଷ୍ଟିକ କ୍ରୀଡ଼ାବିତ ରାକେଶ ପାତ୍ରଙ୍କୁ ୨ଟି ସ୍ୱର୍ଣ୍ଣ, ଜିମନାଷ୍ଟିକ କ୍ରୀଡ଼ାବିତ ପ୍ରଣତୀ ନାୟକଙ୍କୁ ୧ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ ଓ ୨ଟି କାଂସ୍ୟ, ସାଇକ୍ଲିଷ୍ଟ ସ୍ୱସ୍ତି ସିଂଙ୍କୁ ୧ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ମିଳିଛି। ଏଥିସହ ବିଭିନ୍ନ ବର୍ଗରେ ଓଡ଼ିଶାର କ୍ରୀଡ଼ାବିତମାନେ ନୂତନ ନ୍ୟାସନାଲ ଗେମ୍ସ ରେକର୍ଡ ମଧ୍ୟ ସୃଷ୍ଟି କରିଛନ୍ତି।

# ପୁରସ୍କାର ରାଶି ଘୋଷଣା କଲା ଆଇସିସି




**ନୂଆଦିଲ୍ଲୀ,୧୪।୨ :** ଦୀର୍ଘ ୮ ବର୍ଷ ପରେ ଫେରିଛି ଚାମ୍ପିୟନ୍ସ ଟ୍ରଫି। ୨୦୧୭ରେ ଶେଷ ଥର ପାଇଁ ଚାମ୍ପିୟନ୍ସ ଟ୍ରଫି ଇଂଲଣ୍ଡରେ ଖେଳା ଯାଇଥିଲା। ଏଥର ଚାମ୍ପିୟନ୍ସ ଟ୍ରଫିର ଆୟୋଜନ ପାକିସ୍ତାନ କରୁଛି। କିନ୍ତୁ ଭାରତ ତା'ର ମ୍ୟାଚ୍ ଗୁଡ଼ିକ ୟୁଏଇରେ ଖେଳିବ। ଫେବୃଆରୀ ୧୯ରୁ ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ହେବାକୁ ଯାଉଛି। କିନ୍ତୁ ଏହା ପୂର୍ବରୁ ଆଇସିସି ଚାମ୍ପିୟନ୍ସ ଟ୍ରଫି ବିଜେତା, ରନର୍ସ ଅପ ଓ ଅନ୍ୟ ଦଳଗୁଡ଼ିକୁ କେତେ ଟଙ୍କା ଲେଖାଏ ମିଳିବ, ତା'ର ଘୋଷଣା କରିଛି। ବିଶ୍ୱର ଟପ୍ ? ୮ ଟିମକୁ ନେଇ ଦିନିକିଆ ଫର୍ମାଟରେ ଚାମ୍ପିୟନ୍ସ ଟ୍ରଫି ଖେଳାଯିବ। ଏହାର ବିଜେତାଙ୍କୁ ୨.୨୪ ମିଲିୟନ ଡଲାର ବା ପ୍ରାୟ ୨୦ କୋଟି ଟଙ୍କା ମିଳିବ। ଆର୍ଥିକ ପୁରସ୍କାର ବ୍ୟତୀତ ବିଜେତା ଦଳକୁ ଆଇସିସି ଟ୍ରଫି ୯ ତାରିଖ ଦିନ ଦିଆଯିବ। ଫାଇନାଲରେ ହାରୁଥିବା ଦଳକୁ ୧.୧୨ ମିଲିୟନ ଡଲାର, ସେମି ଫାଇନାଲକୁ ଯାଇଥିବା ଦୁଇ ଦଳକୁ ୫୬୦,୦୦୦ ଲେଖାଏ ଡଲାର ମିଳିବ। ମୋଟ ଉପରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ପାଇଁ ୬.୯ ମିଲିୟନ ଡଲାରର ପୁରସ୍କାର ଦେବ। ଏହା ୨୦୧୭ ଆର୍ଥିକ ପୁରସ୍କାର ତୁଳନାରେ ୫୩% ଅଧିକ। ଆଇସିସିର ଘୋଷଣା ଅନୁଯାୟୀ, ଗ୍ରୁପ ପର୍ଯ୍ୟାୟରେ ପ୍ରତିଟି ବିଜୟ ପାଇଁ ଦଳଗୁଡ଼ିକୁ ୨୯ ଲକ୍ଷ ଟଙ୍କା ମିଳିବ। ୫ ଓ ୬ଷ୍ଠ ସ୍ଥାନରେ ଅଭିଯାନ ଶେଷ କଲେ ୩ କୋଟି ଲେଖାଏ ଦିଆଯିବ। ୭ମ ଓ ୮ମ ସ୍ଥାନରେ ରହୁଥିବା ଦଳ ୧.୨ କୋଟି ଲେଖାଏ ପାଇବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୨୦୨୫ ଚାମ୍ପିୟନ୍ସ ଟ୍ରଫିରେ ଭାଗ ନେଇଥିବା ପ୍ରତିଟି ଦଳ ନିଶ୍ଚିତ ଭାବେ ୧୨୫,୦୦୦ ଡଲାର ବା ୧.୦୮ କୋଟି ଟଙ୍କା ପାଇବେ। ଚାମ୍ପିୟନ୍ସ ଟ୍ରଫି ପୁରସ୍କାର ଅର୍ଥ ବିଜେତା- ୨୦.୮ କୋଟି ରନର୍ସ ଅପ ୧୦.୪ କୋଟି ସେମି ଫାଇନାଲ- ୫.୨ କୋଟି ୫ମ ଓ ୬ଷ୍ଠ ସ୍ଥାନ – ୩ କୋଟି ୭ମ ଓ ୮ମ ସ୍ଥାନ- ୧.୨ କୋଟି ପ୍ରତିଟି ମ୍ୟାଚ୍(ବିଜୟୀ) – ୨୯ ଲକ୍ଷ ୧୯୯୬ ପରେ ପାକିସ୍ତାନ କୌଣସି ଆଇସିସି ଇଭେଣ୍ଟ ଆୟୋଜନ କରିବାକୁ ଯାଉଛି। ୨ ସପ୍ତାହ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ମ୍ୟାଚକୁ ବାଦ ଦେଲେ ବାକି ମ୍ୟାଚ୍‌ଗୁଡ଼ିକ କରାଚି, ଲାହୋର ଓ ରାୱଲପିଣ୍ଡିରେ ଖେଳାଯିବ। ଚଳିତ ବର୍ଷ ଚାମ୍ପିୟନ୍ସ ଟ୍ରଫି ଖେଳିବାକୁ ଥିବା ୮ ଦଳକୁ ୨ଟି ଗ୍ରୁପରେ ଭାଗ କରାଯାଇଛି। ପ୍ରତି ଗ୍ରୁପରେ ୪ଟି ଲେଖାଏ ଟିମ ରହିଛନ୍ତି। ଗ୍ରୁପ ପର୍ଯ୍ୟାୟରେ ପ୍ରତି ଦଳ ବାକି ୩ ଟିମ ସହ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବେ। ଏହାପରେ ପ୍ରତି ଗ୍ରୁପର ଟପ୍ ୨ଟି ଟିମ ସେମି ଫାଇନାଲକୁ ଯିବ।

# ଭାରତକୁ ବାଂଲାଦେଶର ଚେତାବନୀ




**ଦୁବାଇ,୧୪।୨ :** ଚାମ୍ପିଅନ୍ସ ଟ୍ରଫି-୨୦୨୫ ଆରମ୍ଭ ହେବାର ପରଦିନ ଅର୍ଥାତ୍ ଚଳିତ ଫେବ୍ରୁଆରି ୨୦ ତାରିଖରେ ଭାରତ ତାର ଅଭିଯାନ ଆରମ୍ଭ କରିବ। ବାଂଲାଦେଶ ହେବ ଟିମ୍ ଇଣ୍ଡିଆର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ। ଏହି ପ୍ରତୀକ୍ଷିତ ମ୍ୟାଚ୍ ପୂର୍ବରୁ କିନ୍ତୁ ବାଂଲଦେଶ ପୂର୍ବ ବିଜେତା ଭାରତକୁ ଦେଇଛି ଚେତାବନୀ। ଏହି ଦଳର ଅଧିନାୟକ ନଜମୁଲ ହୁସେନ ସାଣ୍ଟୋ କହିଛନ୍ତି, ଆମେ ବିଜେତା ହେବା ଲକ୍ଷ୍ୟ ନେଇ ଚାମ୍ପିଅନ୍ସ ଟ୍ରଫିକୁ ଯାଉଛୁ। କେବଳ ଆମେ ନୁହଁ, ସମସ୍ତ ୮ଟି ଯାକ ଦଳ ବିଜେତା ହେବାର କ୍ଷମତା ରଖନ୍ତି। ସମସ୍ତେ ସମ ପରିମାଣରେ ବଳିୟାନ। ମୁଁ ଭାବୁଛି ଆମ ପାଖରେ ସେହି ଦକ୍ଷତା ଅଛି। ଏଥିଲାଗି କଠିନ ପରିଶ୍ରମ କରୁଛୁ। ଭାବୁଛି ଆମ ଲକ୍ଷ୍ୟ ହାସଲ କରିପାରିବୁ। ଭାରତ ବିପକ୍ଷରେ ଅଭିଯାନ ଆରମ୍ଭ କରିବା ପରେ ବାଂଲାଦେଶ ଫେବ୍ରୁଆରି ୨୪ରେ ନ୍ୟୁଜିଲାଣ୍ଡ ଏବଂ ୨୭ରେ ପାକିସ୍ତାନକୁ ଭେଟିବ। ଅନ୍ୟପକ୍ଷରେ ଏମାନଙ୍କ ସହ ଗ୍ରୁପ୍-ଏ'ରେ ଥିବା ଭାରତ ୨୩ରେ ପାକିସ୍ତାନ, ମାର୍ଚ୍ଚ ୨ରେ ନ୍ୟୁଜିଲାଣ୍ଡକୁ ଭେଟିବ। ସାଣ୍ଟୋ ଭାରତକୁ ପରୋକ୍ଷ ଚେତାବନୀ ଦେଇଥିଲେ ମଧ୍ୟ ରେକର୍ଡ ବାଂଲାଦେଶ ସପକ୍ଷରେ ନାହିଁ। ୨୦୨୩ ମସିହା ପରଠାରୁ ବାଂଲାଦେଶ ଖେଳିଥିବା ୪୧ ମ୍ୟାଚ୍ ?ରୁ ୨୪ ମ୍ୟାଚ୍ ହାରିଛି। ସେଥିମଧ୍ୟରେ ରହିଛି ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଶୃଙ୍ଖଳା ପରାଜୟ। ବ୍ୟକ୍ତିଗତ ଭାବେ ସାଣ୍ଟୋ ମଧ୍ୟ ଭଲ ଫର୍ମରେ ନାହାନ୍ତି। ଏପରିକି ବାଂଲାଦେଶ ପ୍ରିମିୟର ଲିଗରେ ମଧ୍ୟ ଭଲ କରି ନାହାନ୍ତି। ଶେଷ ଥର ଲାଗି ସେ ଡିସେମ୍ବର ୨୦୨୪ରେ ଦିନିକିଆ କ୍ରିକେଟ୍ ଖେଳିଥିଲେ। ସେହିଭଳି ବାଂଲାଦେଶ ମଧ୍ୟ ତାର ତାରକା ଅଲରାଉଣ୍ଡର୍ ସାକିବ-ଅଲ୍-ହାସନଙ୍କ ବିନା ଏହି ପ୍ରତିଯୋଗିତା ଖେଳିବ। ତାଙ୍କ ବିନା ବାଂଲାଦେଶ ପୂର୍ବାପେକ୍ଷା ଦୁର୍ବଳ ହୋଇଥିବା ମଧ୍ୟ ସାଣ୍ଟୋ ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ଭାରତ ୨୦୨୩ ବିଶ୍ୱକପ୍ ଫାଇନାଲ୍ ଖେଳିଥିଲା ବେଳେ ନିକଟରେ ଶକ୍ତିଶାଳୀ ଇଂଲଣ୍ଡ ବିପକ୍ଷ ଦିନିକିଆ ଶୃଙ୍ଖଳାକୁ ୩-୦ରେ ଜିତି ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ଯାଇଛି।

### ବିସିସିଆଇ ୧୦ କଡ଼ା ନିୟମ

# ଅଲଗା ହୋଟେଲ୍‌ରେ ରହିଲେ ଗୌତମ ଗମ୍ଭୀରଙ୍କ ପିଏ




**ନୂଆଦିଲ୍ଲୀ,୧୪।୨ :** ଅଷ୍ଟ୍ରେଲିଆ ସିରିଜ ପରେ ବିସିସିଆଇ ୧୦ କଡ଼ା ନିୟମ କରିଥିଲା । ଇଂଲଣ୍ଡ ସିରିଜ ବେଳେ ଏହି ନିୟମର ଅନୁପାଳନ କରିଛି ଟିମ୍ ଇଣ୍ଡିଆ। ବର୍ତ୍ତମାନ ଚାମ୍ପିୟନ୍ସ ଟ୍ରଫି ପାଇଁ ଭାରତ ଦୁବାଇ ଗସ୍ତ କରିବାକୁ ଥିବା ବେଳେ ସେଠାରେ ମଧ୍ୟ ଏହି ନିୟମର ଅନୁପାଳନ କରାଯିବ । ଏହି ୧୦ ସୂତ୍ରୀୟ ନିର୍ଦ୍ଦେଶାବଳୀ ବିସିସିଆଇ ପାଇଁ କେତେ ଜରୁରୀ, ତାହାର ସବୁଠାରୁ ବଡ଼ ଉଦାହରଣ ଖେଳାଳିଙ୍କ ନିଜସ୍ୱ ଷ୍ଟାଫ୍‌ଙ୍କ ରହିବା ବ୍ୟବସ୍ଥାରୁ ଜାଣି ପାରିବେ । ଅଷ୍ଟ୍ରେଲିଆରେ ଗମ୍ଭୀରଙ୍କ ସହ ରହିଥିବାରୁ ବିସିସିଆଇ ଅଧିକାରୀଙ୍କ କ୍ରୋଧର ସମ୍ମୁଖୀନ ହୋଇଥିଲେ ଭାରତୀୟ ଦଳର ମୁଖ୍ୟ ଗୌତମ ଗମ୍ଭୀର । ଏବେ ତାଙ୍କୁ ଆଗାମୀ ଗସ୍ତ ବେଳେ ଖେଳାଳିମାନଙ୍କ ସହ ସମାନ ହୋଟେଲରେ ନ ରହିବାକୁ କୁହାଯାଇଛି ।

ଇଂଲଣ୍ଡର ଘରୋଇ ସିରିଜ୍ ସମୟରେ ଜଣେ କୋଚିଂ ଷ୍ଟାଫ୍‌ଙ୍କ ବ୍ୟକ୍ତିଗତ ସହାୟକଙ୍କୁ ସବୁଠି ଦେଖାଯାଇଥିଲା । ହେଲେ କୋଚିଂ ଷ୍ଟାଫ୍‌ଙ୍କ ବ୍ୟକ୍ତିଗତ ସଚିବ ଯିଏକି ପୂର୍ବରୁ ନିୟମିତ ଭାବରେ ଟିମ୍ ହୋଟେଲରେ ରହୁଥିଲେ, ବର୍ତ୍ତମାନ ଅଲଗା ଏକ ହୋଟେଲ୍‌ରେ ରହୁଛନ୍ତି ।

# ୨୭ ବ୍ୟାଗ୍, ୨୫୦କେଜି ଓଜନ

**ନୂଆଦିଲ୍ଲୀ,୧୪।୨ :** ବିଦେଶ ଗସ୍ତ ସମୟରେ ଖେଳାଳି କେତେ ଓଜନ ନେଇ ଯାତ୍ରା କରିବେ ତାହା ଉପରେ ଏକ ନୂଆ ନିୟମ ଲାଗୁ କରିଛି ବିସିସିଆଇ । ଏହି ନିୟମ ସେତେବେଳେ ଲାଗୁ କରାଯାଇଛି, ଯେତେବେଳେ ଅଷ୍ଟ୍ରେଲିଆ ଗସ୍ତ ସମୟରେ ଜଣେ ଖେଳାଳି ପ୍ରାୟ ୨୫୦ କିଲୋଗ୍ରାମରୁ ଅଧିକ ଓଜନର ୨୭ଟି ବ୍ୟାଗ ଧରି ଯାଉଥିବା ଘଟଣା ସାମ୍ନାକୁ ଆସିବା ପରେ ଏହି ପଦକ୍ଷେପ ନିଆଯାଇଛି । ବ୍ୟାଗରେ ଖେଳାଳିଙ୍କ ବ୍ୟକ୍ତିଗତ ଜିନିଷପତ୍ର ବ୍ୟତୀତ, ଏହି ବ୍ୟାଗଗୁଡ଼ିକରେ ସେମାନଙ୍କ ପରିବାର ଏବଂ କର୍ମଚାରୀଙ୍କ ଜିନିଷପତ୍ର ମଧ୍ୟ ଥିଲା, ଯାହାର ଖର୍ଚ୍ଚ ବିସିସିଆଇକୁ ବହନ କରିବାକୁ ପଡିଛି । ସବୁଠୁ ବଡ କଥା ହେଉଛି, ଖେଳାଳିଙ୍କ ପରିବାର ସଦସ୍ୟମାନେ ପୁରା ଗସ୍ତ ସମୟରେ ତାଙ୍କ ସହିତ ରହିଥିଲେ ଏବଂ ବିସିସିଆଇ ଭାରତରୁ ଅଷ୍ଟ୍ରେଲିଆ ଏବଂ ଅଷ୍ଟ୍ରେଲିଆରୁ ପୁଣି ଭାରତ ଖେଳାଳିଙ୍କ ପରିବାର ସଦସ୍ୟଙ୍କ ଜିନିଷପତ୍ରର ଯାହା ଖର୍ଚ୍ଚ ହୋଇଥିଲା ତାହା ବହନ କରିଛି । ଯଦିଓ କେତେ ଟଙ୍କା ଖର୍ଚ୍ଚ ହୋଇଥିଲା ତାହା ସାର୍ବଜନିନ କରାଯାଇନି ।

# ଏସୀୟ ବ୍ୟାଡ୍‌ମିଣ୍ଟନ୍: କୋରିଆଠୁ ହାରିଲା ଭାରତ

**କ୍ୱିଙ୍ଗଡାଓ,୧୪।୨ :** ଚଳିତ ଏସୀୟ ବ୍ୟାଡ୍‌ମିଣ୍ଟନ ଦଳଗତ ପ୍ରତିଯୋଗିତାର ଗୁରୁବାର ନିଜର ଦ୍ୱିତୀୟ ମ୍ୟାଚରେ ଭାରତ ୨-୩ରେ କୋରିଆଠୁ ହାରିଯାଇଛି। ତେବେ ପୂର୍ବରୁ ନିଜର ପ୍ରଥମ ମ୍ୟାଚ୍‌ରେ ୫-୦ରେ ମକାଉକୁ ହରାଇଥିବା ଭାରତ ଗ୍ରୁପ୍-ଡି'ରେ ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛି। ଗୁରୁବାର ମିଶ୍ରିତ ଯୁଗଳରେ ଧ୍ରୁବ କପିଳ ଓ ତନିଷା କ୍ରଷ୍ଟୋ ୨୧-୧୧, ୧୨-୨୧, ୧୫-୨ରେ କୋରିଆର ଜୁ କି ଡନ୍‌ଙ୍କଠୁ ଏବଂ ମହିଳା ଏକକରେ ମାଳବିକା ବଂଶୁଦ ୯-୨୧, ୧୦-୨୧ରେ ୟୁ ଜିନ୍ ସିମ୍‌ଙ୍କଠୁ ହାରିଯିବାରୁ ଭାରତ ୦-୨ରେ ପଛରେ ରହିଥିଲା। ପୁରୁଷ ଏକକରେ ସତୀଶ କୁମାର କରୁଣାକରନ ୧୭-୨୧, ୨୧-୧୮, ୨୧-୧୯ରେ ଚୋ ଜିଓନିଓପ୍‌ଙ୍କୁ ଏବଂ ମହିଳା ଯୁଗଳରେ ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ ୧୯-୨୧, ୨୧-୧୬, ୨୧-୧୧ରେ କିମ୍ ମିନ୍ ଜି ଓ କିମ୍ ୟୁ ଜୁଙ୍ଗ୍‌ଙ୍କୁ ହରାଇ ସ୍ଥିତି ୨-୨ କରିବା ସହ ଭାରତ ପାଇଁ ଆଶା ସଞ୍ଚାର କରିଥିଲେ। ହେଲେ ନିର୍ଣ୍ଣାୟକ ତଥା ପଞ୍ଚମ ମୁକାବିଲାରେ ପୁରୁଷ ଯୁଗଳ ଯୋଡ଼ି ଏମ୍‌ଆର ଅର୍ଜୁନ ଓ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ୧୪-୨୧, ୧୫-୨୩ରେ ସୁଙ୍ଗ ସିଉଙ୍ଗ ଓ ଜିନ୍ ୟଙ୍ଗଠୁ ହାରିଯିବାରୁ ଭାରତ ବିଜୟ ହାତଛଡ଼ା କରିଥିଲା।

# ପାକିସ୍ତାନକୁ ଚେତାବନୀ ଦେଲେ ଶାହ



**ହଲଦ୍ୱାନୀ,୧୪।୨ :** ପୁଲଓ୍ୱାମା ଆକ୍ରମଣର ବାର୍ଷିକୀ ଅବସରରେ ଗୃହମନ୍ତ୍ରୀ ଅମିତ ଶାହ ସହିଦ ଯବାନଙ୍କୁ ମନେ ପକାଇଛନ୍ତି। ଭାରତର ସେନା ଏବଂ ସୀମା ସହ ଖେଳ ଖେଳିବାକୁ ଚେଷ୍ଟା କର ନାହିଁ ବୋଲି ସେ ସ୍ପଷ୍ଟ ଭାଷାରେ ପାକିସ୍ତାନକୁ ଚେତାବନୀ ଶୁଣାଇଛନ୍ତି । ଉତ୍ତରାଖଣ୍ଡର ହଲଦ୍ୱାନୀରେ ଆୟୋଜିତ '୩୮ତମ ଜାତୀୟ କ୍ରୀଡ଼ା'ର ସମାପନୀ ସମାରୋହକୁ ସମ୍ବୋଧିତ କରି ଶାହା ଏହା କହିଛନ୍ତି।

ଅମିତ ଶାହ କହିଛନ୍ତି, ୨୦୧୯ ଆଜିର ଦିନରେ ପୁଲଓ୍ୱାମାରେ ଆମର ୪୦ ଜଣ ଯବାନ ସହିଦ ହୋଇଥିଲେ। ଏହି ସୈନିକଙ୍କ ବଳିଦାନ କେବଳ ଦେଶକୁ ସୁରକ୍ଷିତ କରିନଥିଲା ବରଂ ଏହି ଯବାନଙ୍କ ସହିଦ ହେବା ପରେ ପାକିସ୍ତାନରେ ପ୍ରବେଶ କରି ଆତଙ୍କବାଦୀଙ୍କୁ କଡ଼ା ଜବାବ ଦେବାକୁ ପ୍ରଧାନମନ୍ତ୍ରୀ ମୋଦୀ ଏୟାର ଷ୍ଟ୍ରାଇକ୍ କରିଥିଲେ। ସେଥିପାଇଁ ଭାରତ ପ୍ରତି ବିଶ୍ୱର ଦୃଷ୍ଟିକୋଣ ବଦଳିଯାଇଛି । ବିଶ୍ୱର ସମସ୍ତ ଆତଙ୍କବାଦୀଙ୍କୁ ଏକ ବାର୍ତ୍ତା ଦିଆଯାଇଛି ଯେ ସେମାନେ ଭାରତର ସୀମା ଏବଂ ସେନା ସହ ଗଣ୍ଡଗୋଳ କରିପାରିବେ ନାହିଁ । ଶେଷରେ ସେ କହିଥିଲେ ଯେ ଦେଶର ସୁରକ୍ଷା ପାଇଁ ପ୍ରାଣ ବଳି ଦେଇଥିବା ସମସ୍ତ ୪୦ ଜଣ ସୈନିକଙ୍କୁ ମୁଁ ହୃଦୟରୁ ଶ୍ରଦ୍ଧାଞ୍ଜଳି ଦେବାକୁ ଚାହୁଁଛି।

# ୨ ଝିଅଙ୍କୁ ବିଷ ଦେଇ ମା'ଙ୍କ ଆତ୍ମହତ୍ୟା

**ମୁଜଫରନଗର,୧୪।୨ :** ଉତ୍ତରପ୍ରଦେଶର ମୁଜାଫରପୁର ଜିଲା ଚର୍ଥୋଲି ଗ୍ରାମରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଗାଁର ଜଣେ ୪୨ ବର୍ଷୀୟା ମହିଳା ବିନ୍ତି ନିଜ ୨ ଝିଅ ସପନା(୧୩) ଓ ସରସ୍ୱତୀ(୧୧)ଙ୍କୁ ବିଷ ଦେବା ପରେ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ୨ ଝିଅଙ୍କ ମଧ୍ୟରୁ ସପନାଙ୍କ ମୃତ୍ୟୁ ଘଟିଥିବା ବେଳେ ସରସ୍ୱତୀଙ୍କ ଅବସ୍ଥା ଗୁରୁତର ଥିବା ପୋଲିସ ପକ୍ଷରୁ କୁହାଯାଇଛି। ହସ୍ପିଟାଲରେ ସରସ୍ୱତୀଙ୍କ ଚିକିତ୍ସା ଜାରି ରହିଛି। ପୋଲିସ ମା' ଝିଙ୍କ ମୃତ୍ୟୁଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ମହିଳା ଜଣକ ୨ ଝିଅଙ୍କୁ ବିଷ ଦେଇ କାହିଁକି ଆତ୍ମହତ୍ୟା କଲେ ତାହା ଜଣାପଡି ନାହିଁ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।



# ବଜେଟରେ ପୁଣି କୃଷି ଓ କୃଷକଙ୍କୁ ଉପେକ୍ଷା



**ନୂଆଦିଲ୍ଲୀ,୧୪।୨ :** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସଂସଦରେ ଉପସ୍ଥାପିତ ବଜେଟ୍ ଦିଲ୍ଲୀ ନିର୍ବାଚନକୁ ଆଖିରେ ରଖି ଭୟଙ୍କର ଦରବୃଦ୍ଧି ଓ ବେକାରୀ ଦ୍ୱାରା ଆକ୍ରାନ୍ତ ଦେଶର ମଧ୍ୟବିତ୍ତ ଶ୍ରେଣୀର ଏକ ଛୋଟ ଅଂଶ ପାଇଁ ଆୟକର ସୀମାକୁ ବଢ଼ାଇ ସାମାନ୍ୟ ଆଶ୍ୱସ୍ତି ଦେବାକୁ ଚେଷ୍ଟା କରିଥିଲେ ମଧ୍ୟ ଦେଶର ସାଧାରଣ ଜନତା ବିଶେଷ କରି କୃଷକ ଓ କୃଷି ଶ୍ରମିକଙ୍କୁ ପୁଣିଥରେ ନିରାଶ କରିଛି। ଅର୍ଥମନ୍ତ୍ରୀ ନିଜର ବଜେଟ୍ ଭାଷଣରେ ସମୃଦ୍ଧ ଗ୍ରାମ୍ୟ ଭାରତ ନିର୍ମାଣର ସ୍ୱପ୍ନ ଦେଖାଇଥିବା ବେଳେ କୃଷି ଓ ଗ୍ରାମାଞ୍ଚଳ ପାଇଁ ବ୍ୟୟ ବରାଦକୁ ହ୍ରାସ କରିଛନ୍ତି। ଦେଶରେ କୃଷିର ଚିତ୍ର ବଦଳିଯିବ ଏବଂ ଗ୍ରାମାଞ୍ଚଳରେ ଏତେ ବିକାଶ ହେବ ଯେ ଗ୍ରାମାଞ୍ଚଳର ଲୋକେ ଆଉ ଦାଦନ ହୋଇ ଗାଁରୁ ପଳାୟନ କରିବେ ନାହିଁ ବୋଲି ବାହାସ୍ଫୋଟ ମାରିବାକୁ ଭୁଲି ନାହାନ୍ତି। କେନ୍ଦ୍ରୀୟ ବଜେଟରେ ଚଳିତ ଆର୍ଥିକ ବର୍ଷରେ କୃଷି ଉତ୍ପାଦନ ଏବଂ ଲୋକଙ୍କ ଆୟ ବୃଦ୍ଧି, ଗ୍ରାମାଞ୍ଚଳରେ ନିଯୁକ୍ତି ବୃଦ୍ଧି, ପୁଷ୍ଟିକର ସହାୟତା ବିସ୍ତାର, ମୁଦ୍ରାସ୍ଫୀତି ଚାପ ହ୍ରାସ କିମ୍ବା କୃଷକଙ୍କ ଋଣଭାରକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ନିଜର ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ଦର ପାଇଁ ଆଇନ କରିବାକୁ ଦେଶର କୃଷକମାନେ ଲଗାତାର ଆନ୍ଦୋଳନ କରୁଥିବା ବେଳେ ସରକାର ବଜେଟରେ ସେନେଇ ଏକଦମ୍ ନୀରବ ରହିଛନ୍ତି। ଆଶ୍ଚର୍ଯ୍ୟର କଥା, ବଜେଟରେ 'ଧନଧାନ୍ୟ କୃଷି ଯୋଜନା' ପରି ଯେଉଁ ନୂତନ ଛଅଟି କୃଷି ପ୍ରକଳ୍ପ ବଡ଼ ଘୋଷଣା କରାଯାଇଛି ସେସବୁ ପାଇଁ କୌଣସି ବ୍ୟୟବରାଦ କରାଯାଇ ନାହିଁ। ଅର୍ଥମନ୍ତ୍ରୀ ଦେଶର କୃଷିକ୍ଷେତ୍ରକୁ ବିକାଶର ପ୍ରଥମ ଇଂଜିନ ବୋଲି ନିଜର ବଜେଟ୍ ଭାଷଣରେ ବର୍ଣ୍ଣନା କରିଥିବା ବେଳେ ତା'କୁ ହିଁ ସବୁଠାରୁ ବେଶୀ ଉପେକ୍ଷା କରିବା ଦେଖାଯାଇଛି। କୃଷି ପାଇଁ ବ୍ୟୟବରାଦ ଗତବର୍ଷର ସଂଶୋଧିତ ବ୍ୟୟବରାଦ ତୁଳନାରେ ୩୯୦୫.୦୫ କୋଟି ଟଙ୍କା କମ୍ ହୋଇଥିବା ଜଣାପଡ଼ିଛି। ଗତବର୍ଷର ସଂଶୋଧିତ ହିସାବ ପ୍ରକାରେ କୃଷିରେ ସର୍ବମୋଟ ୧,୩୧,୧୯୫.୨୧ କୋଟି ବ୍ୟୟ କରିଥିବା ବେଳେ ଚଳିତ ବଜେଟ୍ରେ ତାକୁ ୧,୨୭,୨୯୦.୧୬ କୋଟିକୁ ହ୍ରାସ କରାଯାଇଛି। ମୋଦି ସରକାରଙ୍କ ଗତ ତିନୋଟି ଯାକ ଶାସନ କାଳରେ ଦେଶରେ କୃଷି ଓ କୃଷକଙ୍କ ସଙ୍କଟ କ୍ରମାଗତ ଭାବେ ଉତ୍କଟ ହେବାରେ ଲାଗିଛି। କୃଷି ସଙ୍କଟ ଓ ଋଣବୋଝର ଶିକାର ହୋଇ ପ୍ରତିଦିନ ଦେଶରେ ହାରାହାରି ୩୧ ଜଣ କୃଷକ ଆତ୍ମହତ୍ୟା କରୁଥିବା ବେଳେ ସରକାର ତାକୁ ରୋକିବାରେ ଏକଦମ୍ ବିଫଳ ହୋଇଛନ୍ତି। ଦେଢ଼ ମାସ ତଳେ କୃଷି ସମ୍ପର୍କିତ ସଂସଦୀୟ ସମିତି ଦେଶର କୃଷକଙ୍କୁ ଉପରୋକ୍ତ ସଙ୍କଟରୁ ଉଦ୍ଧାର ପାଇବା ପାଇଁ ଚାରୋଟି ସୁପାରିଶ ରଖିଥିଲା। ଏହି ସମିତିରେ ସ୍ୱାଭାବିକ ଭାବେ ଏନ୍‌ଡ଼ିଏ ଓ ବିଶେଷ କରି ଭାଜପାର ସାଂସଦମାନେ ବହୁ ସଂଖ୍ୟାରେ ଥିଲେ।

# ସରିଲା ରାଜୀବ କୁମାରଙ୍କ କାର୍ଯ୍ୟକାଳ

**ନୂଆଦିଲ୍ଲୀ,୧୪।୨ :** ଚଳିତ ବର୍ଷ ବିହାରରେ ବିଧାନସଭା ନିର୍ବାଚନ ହେବ। ସେହିପରି ୨୦୨୬ରେ ବେଙ୍ଗଲ ଓ ତାମିଲନାଡୁ ସମେତ ଆସମ ଓ କେରଳରେ ମଧ୍ୟ ଭୋଟିଂ ହେବାର ଅଛି। ଏହି ସବୁ ନିର୍ବାଚନକୁ ପରିଚାଳନା କରିବେ ଦେଶର ନୂଆ ମୁଖ୍ୟ ନିର୍ବାଚନ କମିଶନର। କାରଣ ମୁଖ୍ୟ ନିର୍ବାଚନ କମିଶନର ଭାବେ ୨୦୨୨ରୁ କାର୍ଯ୍ୟ କରି ଆସୁଥିବା ରାଜୀବ କୁମାରଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ତେଣୁ ସରକାର ନୂଆ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ନିଯୁକ୍ତି ଦେବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି କ୍ରମରେ ନିଯୁକ୍ତି କମିଟିର ବୈଠକ ସୋମବାର ବସିବାକୁ ଯାଉଛି। କମିଟିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଓ ପରମ୍ପରା ଅନୁସାରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ରହିବେ। ପୂର୍ବରୁ କମିଟିରେ ପ୍ରଧାନମନ୍ତ୍ରୀ ଓ ବିରୋଧୀ ଦଳର ନେତାଙ୍କ ବ୍ୟତୀତ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ରହୁଥିଲେ। କିନ୍ତୁ କେନ୍ଦ୍ର ସରକାର ନୂଆ ଆଇନ ଆଣି ପ୍ରଧାନ ବିଚାରପତିଙ୍କୁ ହଟାଇ କମିଟିରେ ଜଣେ କେନ୍ଦ୍ର ମନ୍ତ୍ରୀଙ୍କୁ ସ୍ଥାନ ଦେଇଛନ୍ତି। ଏହାକୁ ବିରୋଧୀ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଏହାର ଶୁଣାଣି ମଙ୍ଗଳବାର ଠାରୁ ଆରମ୍ଭ ହେବାକୁ ଥିବା ବେଳେ ମୁଖ୍ୟ ନିର୍ବାଚନ କମିଶନର ନିଯୁକ୍ତି ପାଇଁ ବୈଠକ ସୋମବାର ଆରମ୍ଭ ହେବ।

Printed, Published & Owner by Hajarika Mohapatra,
Printed at Das Offset Printers, Udit Nagar Main Road, Rourkela
Dist-Sundargarh (Odisha) and Published at Plot No.: 364/1662, Susanti Vihar, Lane-5, Tankapani Road, Bhubaneswar
Email : satyanews24.bbsr@gmail.com, Mob- +91 90406 99332, 83380 72970
Editor : Satyajit Mohapatra
ସମ୍ପାଦକ : ସତ୍ୟଜିତ ମହାପାତ୍ର